


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୫୩ ● ୧୧ ଅକ୍ଟୋବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-253 ● 11th October 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ମଞ୍ଜୁରୀ

# ସ୍ୱଚ୍ଛ ଓଡ଼ିଶା ଯୋଜନାରେ ଖର୍ଚ୍ଚ ହେବ ୧୬୦୦ କୋଟି

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**



ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୁସ୍ତକ ପ୍ରଦାନ କରାଯିବା ସହିତ ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ୧୬୦୦ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁର କରାଯାଇଛି ।

ଓଡିଶା ଇଏସ୍‌ଆଇ ଡାକ୍ତରଖାନା ଟେକ୍ନସିଆନ୍ ଟେକ୍ନିସିଆନ୍ ସେବା ନିୟମ-୨୦୨୫କୁ କ୍ୟାବିନେଟ୍‌ରେ ମଂଜୁରୀ ମିଳିଛି । ସେହିପରି ରାଜ୍ୟରେ ଅଧିକ ଆର୍ଥିକ ପ୍ରଗତି ପାଇଁ ମହିଳାମାନଙ୍କ ପାଇଁ ଅଂଶଗ୍ରହଣ ସୁଯୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି ।ଏହା ମହିଳା ଉଦ୍ୟୋଗୀ ସୃଷ୍ଟି କରିବାରେ ସାହାଯ୍ୟ କରିବ ।

ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ୨୦୨୫-୨୬କୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ଚଳିତ ଖରିଫ ବିପଣନ ବର୍ଷ ପାଇଁ ଧାନ ସଂଗ୍ରହ ଚଳିତ ଅକ୍ଟୋବର ୧ରୁ ଆରମ୍ଭ ହୋଇ ୨୦୨୬ ସେପ୍ଟେମ୍ବର ୩୦ରେ ଶେଷ ହେବ ।

ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଚାଷୀମାନଙ୍କ ଠାରୁ କିଣାଯିବ । କେବଳ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ଓଡ଼ିଶା ଜନ୍ମ ମୃତ୍ୟୁ ପଞ୍ଜୀକରଣ ୨୦୨୫ ଆଇନକୁ ମଞ୍ଜୁରୀ ମିଳିଛି । ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାକୁ ସମ୍ପ୍ରସାରିତ କରାଯିବ । ଏଥିପାଇଁ ୨୦୨୫-୩୦ ବର୍ଷ ପର୍ଯ୍ୟନ୍ତ ୧୪୩୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୧,୨୩,୪୮୮ ହେକ୍ଟର ଚାଷ ଜମିକୁ *(ପୃଷ୍ଠା ୭ରେ)*

# ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର

**ଭେନେଜୁଏଲା, ୧୦।୧୦**



ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋ ନୋବେଲ ଶାନ୍ତି ପୁରସ୍କାର ବିଜୟୀ ହୋଇଛନ୍ତି । ଭେନେଜୁଏଲାରେ ଗଣତନ୍ତ୍ର ଏବଂ ଲୋକଙ୍କ ଅଧିକାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି ମାରିଆ । ଦେଶରେ ଏକଛତ୍ରବାଦ ଶାସନ ହଟାଇ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ମାରିଆଙ୍କ ଶାନ୍ତିପୂର୍ଣ୍ଣ ଉଦ୍ୟମ ପ୍ରଶଂସନୀୟ, ଯେଉଁଥିପାଇଁ ତାଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି ।

ମାରିଆଙ୍କ ନାମ ଘୋଷଣା ହେବା ପରେ ସେ ଆଶ୍ଚର୍ଯ୍ୟ ହୋଇଥିବା କହିଛନ୍ତି । ନୋବେଲ କମିଟି ମଧ୍ୟ ପୁରସ୍କାର ଘୋଷଣା ସମୟରେ ତାଙ୍କ କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଛନ୍ତି । ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ମାରିଆଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସତ୍ତ୍ୱେ ତାଙ୍କ ଜୀବନ ପ୍ରତି ବହୁ ବିପଦ ରହିଥିଲା । କିନ୍ତୁ ସେ ଦେଶ ଛାଡ଼ି ନ ଥିଲେ । ଯାହା ଦେଶବାସୀଙ୍କୁ ବେଶ୍ ପ୍ରେରଣା ଯୋଗାଇଥିଲା । ତାଙ୍କ ସମର୍ଥକମାନଙ୍କ ମନୋବଳ ବୃଦ୍ଧି କରିଥିଲା ।

ତେବେ ମାରିଆଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି । ଟ୍ରମ୍ପ ବହୁ ପୂର୍ବରୁ ନିଜକୁ ନୋବେଲ ଶାନ୍ତି ପୁରସ୍କାରର ଦାବିଦାର ବୋଲି କହିଆସୁଥିଲେ । କିନ୍ତୁ ଏହି ପୁରସ୍କାର ମାରିଆଙ୍କୁ ମିଳିବା ଫଳରେ ଟ୍ରମ୍ପ ୨୦୨୬ ବର୍ଷର ପୁରସ୍କାର ପାଇଁ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି ।

# ଆଇଏଏସ୍ ସ୍ତରରେ ଅଦଳବଦଳ: କେନ୍ଦ୍ରକୁ ଗଲେ ୩ ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ୨୦୦୨ ବ୍ୟାଚର ଆଇଏଏସ୍ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ୍‌ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ଡେପୁଟେସନରେ ଯିବା ପରେ ତାଙ୍କ ସ୍ଥାନରେ ୨୦୦୯ ବ୍ୟାଚର ଆଇଏଏସ୍ ଏନ୍. ଥିରୁମାଲା ନାଏକଙ୍କୁ ଅବସ୍ଥାପିତ କରାଯାଇଛି । ସେହିପରି ମାନସୀ ନିମ୍ଭାଲଙ୍କୁ ସ୍ୱଧାଦେବୀ ସିଂହଙ୍କ ସ୍ଥାନରେ ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି ।

୨୦୧୨ ବ୍ୟାଚର ଆଇଏଏସ୍ ଅଫିସର ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦେଇଥିବା ବେଳେ ୨୦୧୪ ବ୍ୟାଚର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଦିଲ୍ଲୀରୁ ଫେରିଛନ୍ତି । ଗତମାସ ୭ ତାରିଖରେ ନବୀନ ପଟ୍ଟନାୟକ ଦିଲ୍ଲୀ ଯାଇଥିଲେ । ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ନବୀନ ଦିଲ୍ଲୀରୁ ଫେରିଛନ୍ତି ।
- ଭାରତୀୟ ଅନ୍ତରୀକ୍ଷ ଏଜେନ୍ସି ନୂଆ ପୃଥିବୀ ଅବଲୋକନ ସୂଚକ ଉପଗ୍ରହ ଛାଡ଼ିଛି ।
- ଜାତୀୟ ସ୍ୱାସ୍ଥ୍ୟ ଅଭିଯାନ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ବିସ୍ତାର କରିବାକୁ ପ୍ରସ୍ତୁତ ।
- ଫ୍ରାନ୍ସରେ ଏକ ନୂତନ ସାମାଜିକ ସେବା ପ୍ରକଳ୍ପ ଆରମ୍ଭ କରାଯାଇଛି, ଯାହା ସମାଜର ଅନ୍ୟାୟ ଓ ଦୁଃଖୀଙ୍କୁ ସାହାଯ୍ୟ କରିବ ।
- କାନାଡାରେ ଏକ ନୂତନ ସୂର୍ଯ୍ୟ ଶକ୍ତି ପ୍ରକଳ୍ପ ଆରମ୍ଭ କରାଯାଇଛି, ଯାହା ପରିବେଶ ସୁରକ୍ଷାରେ ସାହାଯ୍ୟ କରିବ ।
- କର୍ଣ୍ଣାଟକର ଏକ କ୍ୟାବ୍ ଚାଳକ ଦୁର୍ଘଟଣାରେ ପ୍ରାଣ ହରାଇ, ୫ ଜଣଙ୍କୁ ନୂତନ ଜୀବନ ଦେଇଛନ୍ତି ।
- ତେଲଙ୍ଗାନାର ଜଣେ ଛାତ୍ରୀ ଏଆଇ ଆବେଦନ ସହିତ ପ୍ରଧାନମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି ।

### ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୨,୩୭୧ (-୪୪)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୩୪୦ (-୪୦)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୯,୨୭୮ (-୩୩)

### ରୁପା ଦର

ରୁପା – ପ୍ରତି ଗ୍ରାମ ୧୮୪ (+୭)

### ୧୯୯୨ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ଅନିୟମିତତା

# ଓଡ଼ିଶା ସରକାରଙ୍କୁ ୪୫ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୦।୧୦**



୧୯୯୨ରେ ଓଡ଼ିଶା ପୁଲିସରେ ସବ୍‌ଇନ୍ସପେକ୍ଟର ପଦ ଲାଗି ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଯୋଗୁଁ କ୍ଷତିଗ୍ରସ୍ତ ତିନି ପରୀକ୍ଷାର୍ଥୀଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୪୫ ଲକ୍ଷ ଟଙ୍କା କ୍ଷତିପୂରଣ ଦୁଇ ମାସ ମଧ୍ୟରେ ଦେବାକୁ ଓଡ଼ିଶା ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଜାରି କରିଛନ୍ତି । ନିଯୁକ୍ତି ସୁଯୋଗରୁ ବାଦ୍ ପଡ଼ିଥିବା ଜୟ କିଶୋର ମିଶ୍ର, ଭୁବନାନନ୍ଦ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ସାହାଣୀଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ରାଶି ପ୍ରଦାନ କରିବେ । ବିଚାରପତି ବିକ୍ରମ ନାଥ, ବିଚାରପତି ସନ୍ଦୀପ ମେହେଟ୍ଟା ଓ ବିଚାରପତି ଏନ ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ସୁରେଶ ଚନ୍ଦ୍ର ତ୍ରିପାଠୀ ଦର୍ଶାଇଥିଲେ ଯେ ସାମାନ୍ୟ କାରଣରୁ ତିନି ଜଣଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୧୩ ବର୍ଷ ପରେ ୨ ଅଗଷ୍ଟ ୨୦୦୫ରେ ଅନୁଷ୍ଠିତ ଶାରୀରିକ ପରୀକ୍ଷା ଲୋ ହର୍ଡଲ୍ସ ଶ୍ରେଣୀରେ ୧୨୦ ମିଟର ଦୌଡ଼ ପରୀକ୍ଷାକୁ ୨୫ ସେକେଣ୍ଡ ବଦଳରେ ତିନି ପରୀକ୍ଷାର୍ଥୀ ୨୭ ସେକେଣ୍ଡରେ ସମ୍ପୂର୍ଣ୍ଣ କରିଥିଲେ, ଯାହାକି ମାତ୍ର ୨ ସେକେଣ୍ଡ ଅଧିକ ଥିଲା । ଓଡ଼ିଶାରେ ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ଦୁର୍ନୀତି ଏକ ସାମାନ୍ୟ ଘଟଣା ଦର୍ଶାଇ ଚଳିତ ସପ୍ତାହରେ ଲୋକଲୋଚନକୁ ଆସିଥିବା ସବ୍‌ଇନ୍ସପେକ୍ଟର ନିଯୁକ୍ତି ଘୋଟାଲା *(ପୃଷ୍ଠା ୭ରେ)*

# ଇ-ଚାଲାଣ ୫୦% କୋହଳ କଲେ ସରକାର

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**



ଗାଡ଼ି ଚାଳନା ସମୟରେ ଆଇନ ଉଲ୍ଲଂଘନକାରୀଙ୍କ ପାଇଁ କଟାଯାଉଥିବା ଇ-ଚାଲାଣରେ କୋହଳ କରିଛନ୍ତି ରାଜ୍ୟ ସରକାର । ଇ-ଚାଲାଣରେ ସରକାର ଲାଗୁ କରୁଥିବା ଜରିମାନାରେ ୫୦ ପ୍ରତିଶତ କୋହଳ କରାଯାଇଛି । ଅର୍ଥାତ ଯେତିକି ପରିମାଣର ଇ-ଚାଲାଣ କଟିଛି ତାହାର ଅଧା ଅର୍ଥ ଫାଇନ ବାବଦରେ ଭରିବାକୁ ହେବ । ୨୦୨୫ ଜୁଲାଇ ୩୧ ସୁଦ୍ଧା କଟିଥିବା ଚାଲାଣରେ ଏହି ରିହାତି ମିଳିବ ।

ଯେଉଁ କ୍ଷେତ୍ରରେ ୫୦ ହଜାର ଟଙ୍କା ଫାଇନ କଟାଯାଇଥିବ ସେଠାରେ ୨୫ ହଜାର ଟଙ୍କା ଦେବାକୁ ପଡ଼ିବ । ସେହିପରି ୧୦ ହଜାର ବଦଳରେ ୫ ହଜାର ଏବଂ ୫ ହଜାର ବଦଳରେ ୨୫୦୦ ଟଙ୍କା ଫାଇନ ଦେବାକୁ ପଡ଼ିବ । ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

ରାସ୍ତାରେ ଯିବା ବେଳେ ଯେଉଁମାନଙ୍କର ଗାଡ଼ିର ଚାଲାଣ କଟିଛି, ସେମାନଙ୍କୁ ରାଜ୍ୟ ସରକାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଚାଲାଣ କଟିଥିବା ବାହନର *(ପୃଷ୍ଠା ୭ରେ)*

# ନୌସେନା ମୁଖ୍ୟ ଘାଟି ପରିଦର୍ଶନ କଲେ ରାଜନାଥ

**କେନବରା (ଅଷ୍ଟ୍ରେଲିଆ) : ୧୦।୧୦**

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଷ୍ଟ୍ରେଲିଆ ନିଜର ଦୁଇ ଦିନିଆ ସରକାରୀ ଗସ୍ତର ଶେଷ ଦିନରେ ଶୁକ୍ରବାର ସକାଳେ ସିଡନୀରେ ପହଞ୍ଚିଥିଲେ । ସିଂହ ଏଠାରେ ଅବସ୍ଥିତ ଏଚଏମଏଏସ କୁତ୍ତାବୁଲ ନୌସେନାର ମୁଖ୍ୟ ଘାଟି ପରିଦର୍ଶନ କରିଥିଲେ । ଏହି ପ୍ରମୁଖ ଘାଟି ପାଟ୍ସ ପଏଣ୍ଟରେ ଅବସ୍ଥିତ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଫ୍ଲିଟ୍ ବେସ୍ ଇଷ୍ଟର ଜଳ ପରିଦର୍ଶନ ମଧ୍ୟ କରିଥିଲେ । ସେ ଫ୍ଲିଟ୍ ବେସ୍ ଇଷ୍ଟ ଗସ୍ତ ସମୟରେ ସେ ଅଷ୍ଟ୍ରେଲିଆର ନୌସେନା ଅଭିଯାନ ଏବଂ ସାମୁଦ୍ରିକ ପ୍ରସ୍ତୁତି ବିଷୟରେ ଅର୍ନ୍ତଦୃଷ୍ଟି ହାସଲ କରିଥିଲେ ।ଏହା ପୂର୍ବରୁସିଂହ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଅଷ୍ଟ୍ରେଲିଆ ଗସ୍ତର କିଛି ଫଟୋ ଏବଂ ବିବରଣୀ ସେୟାର କରିଥିଲେ ।

# ବିଜେପିର ପ୍ରାର୍ଥୀ ଚୟନ ନେଇ ପାର୍ଲାମେଣ୍ଟାରୀ ବୋର୍ଡ ନିଷ୍ପତ୍ତି ନେବ

**ଭୁବନେଶ୍ୱର, ୧୦।୧୦ : ନ୍ୟୁଜ୍ ବ୍ୟୁରୋ**

ନୂଆପଡା ପ୍ରାର୍ଥୀ ଚୟନ ନେଇ ପାର୍ଲାମେଣ୍ଟାରୀ ବୋର୍ଡ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି । ଶ୍ରୀ ତୋମାର କହିଛନ୍ତି ଏହାକୁ ନେଇ ବୈଠକ ହେଉଛି । ସହମତି ଅନୁସାରେ ବିଜେପି ପ୍ରାର୍ଥୀ ଚୟନ କରିବ । କୋର କମିଟି ବୈଠକ ବସିବ । ବିଜୟ ସମ୍ଭାବନା ଯାହାର ଅଧିକ ସେଭଳି ପ୍ରାର୍ଥୀ ଦିଆଯିବ । ପ୍ରାର୍ଥୀ ଚୟନ ନେଇ ପାର୍ଲାମେଣ୍ଟାରୀ ବୋର୍ଡ ନିଷ୍ପତ୍ତି ନେବ । ବହୁତ ଜଲଦି ଖୁସି ଖବର ମିଳିବ ବୋଲି ତୋମାର କହିଛନ୍ତି ।

# ଅଣ୍ଡା ଉତ୍ପାଦନର ଶକ୍ତି କେନ୍ଦ୍ର ହେବ ଓଡ଼ିଶା: ୨୦୨୯ ସୁଦ୍ଧା ୫୦୦ କୋଟି ଉତ୍ପାଦନ ଲକ୍ଷ୍ୟ

**ଭୁବନେଶ୍ୱର, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**




ଭରପୁର ପୋଷଣ ଥିବା ଖାଦ୍ୟ ହେଉଛି ଅଣ୍ଡା । ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ । ସବୁଠାରୁ କମ ମୂଲ୍ୟରେ ମିଳୁଥିବା ଏହି ପ୍ରାଣୀଜ ଖାଦ୍ୟ ହେଉଛି ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆଧାର ଓ ଗ୍ରାମୀଣ ଅର୍ଥନୀତିର ଉତ୍ସ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ "ବିଶ୍ୱ ଅଣ୍ଡା ଦିବସ" ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହା କହିଛନ୍ତି ।

ଏବେ ଦୈନିକ ପ୍ରାୟ ୧ କୋଟି ୧୭ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି । ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି । ଆମ ରାଜ୍ୟରେ ବାର୍ଷିକ ଅଣ୍ଡାର ମୁଣ୍ଡପିଛା ଉପଲବ୍ଧତା ୮୦ ଗୋଟି ଥିବା ବେଳେ ସୁସ୍ଥ ଶରୀର ପାଇଁ ବାର୍ଷିକ ୧୮୨ ଗୋଟି ଅଣ୍ଡାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ତେଣୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭର ହେବା *(ପୃଷ୍ଠା ୭ରେ)*

# ନକ୍ସଲ ହିଂସା : ଫୁଟିଲା ପ୍ରେସର ବୋମା

**ମାଲକାନଗିରି, ୧୦।୧୦**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି । ନିରୀହ ଆଦିବାସୀଙ୍କୁ ସବୁବେଳେ ଟାର୍ଗେଟ କରିଆସୁଥିବା ନକ୍ସଲ ଏଥର ଜଣେ ନାବାଳକକୁ ଟାର୍ଗେଟ କରିଛନ୍ତି । ଗାଙ୍ଗଲୁର ଥାନା ଅନ୍ତର୍ଗତ ପିଡିଆ ଅଞ୍ଚଳରେ ନକ୍ସଲ ଲଗାଇଥିବା ପ୍ରେସର ବୋମାର ଶିକାର ହୋଇଛନ୍ତି ସ୍ଥାନୀୟ ଜଣେ ନାବାଳକ ମୋହନ । ସେ ଜଙ୍ଗଲରୁ ଘରକୁ ଫେରୁଥିବା ବେଳେ ହଠାତ୍ ପ୍ରେସର ବୋମା ବିସ୍ଫୋରଣ ହୋଇଥିଲା । ନାବାଳକର ଡାହାଣ ଗୋଡ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତୁରନ୍ତ ସ୍ଥାନୀୟ ୧୯୯ ସିଆରପିଏଫ ବାଟାଲିୟନର ଯବାନ ଘଟଣାସ୍ଥଳରେ ପହଞ୍ଚି *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ସବୁ ଦଳ ଲାଗିପଡିଛନ୍ତି
ଜିତିବାକୁ ନୂଆପଡା
ପ୍ରାର୍ଥୀ ଦିଅନ୍ତି ବାଛି ବାଛି ସତେ
ଜମାନାହିଁ ମନଗଢା
ଆଶା ଖାଇବେ ବିଜୟ ପେଡା
ନିର୍ବାଚନ ସରିଯାଉ ଆଗ
କିଏ ତାଜା ହେବ କିଏ ସଢା ।

# ୪ ବର୍ଷ ପରେ କାବୁଲରେ ଦୂତାବାସ ଖୋଲିବ ଭାରତ



**ନୂଆଦିଲ୍ଲୀ, ୧୦।୧୦**

ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଗୋଟିଏ ସପ୍ତାହ ପାଇଁ ଭାରତ ଗସ୍ତରେ ଆସି ଦିଲ୍ଲୀ ପହଞ୍ଚିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦ ତାଙ୍କ ଉପରେ ଲାଗିଥିବା ଯାତ୍ରା କଟକଣା କୋହଳ କରିବାପରେ ସେ ଏହି ଯାତ୍ରା କରିଛନ୍ତି । ତେବେ ୨୦୨୧ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଫେରିବାପରେ ଏହା ହେଉଛି ତାଲିବାନ୍ ମନ୍ତ୍ରୀଙ୍କ ପ୍ରଥମ ଭାରତ ଗସ୍ତ । ଭାରତ ଗସ୍ତ ଅବସରରେ ଆଫଗାନ ମନ୍ତ୍ରୀ ଶୁକ୍ରବାର ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ ।

ଏହି ବୈଠକ ସମୟରେ ଏସ. ଜୟଶଙ୍କର ଏକ ବଡ଼ ଘୋଷଣା କରିଛନ୍ତି । କାବୁଲରେ ଥିବା ବୈଷୟିକ ମିଶନକୁ ଏବେ ଭାରତୀୟ ଦୂତାବାସର ମାନ୍ୟତା ଦିଆଯିବ ବୋଲି କହିଛନ୍ତି ଜୟଶଙ୍କର । ୨୦୨୧ ମସିହାରେ ଯେତେବେଳେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଫେରିଲା, ସେତେବେଳେ ନୂଆଦିଲ୍ଲୀ, ପରିସ୍ଥିତିକୁ ଦେଖି କାବୁଲରେ ଥିବା ଏହାର ଦୂତାବାସ ବନ୍ଦ କରିଥିଲା । ଏକ ବର୍ଷ ପରେ ବାଣିଜ୍ୟ, ଚିକିତ୍ସା ସହାୟତା ଏବଂ ମାନବିକ ସହାୟତାକୁ ସୁଗମ କରିବା ପାଇଁ ଏକ ଛୋଟ ମିଶନ ଖୋଲିଥିଲା ଭାରତ । ବର୍ତ୍ତମାନ, ଏହି *(ପୃଷ୍ଠା ୭ରେ)*

### ବ୍ୟାଙ୍କ ଡକାୟତି ଯୋଜନା ପଣ୍ଡ

# ୯ ଜଣିଆ ଗ୍ୟାଙ୍ଗକୁ ଧରିଲା ପୋଲିସ୍, ବିପୁଳ ମାରଣାସ୍ତ୍ର ଜବତ



**କେନ୍ଦୁଝର, ୧୦।୧୦ : ନ୍ୟୁଜ୍ ବ୍ୟୁରୋ**

ଏକ ବ୍ୟାଙ୍କରେ ଡକାୟତି ଯୋଜନାକୁ ପଣ୍ଡ କରିଛି କେନ୍ଦୁଝର ଟାଉନ ଥାନା ପୋଲିସ । ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଡକାୟତି କରିବା ଲାଗି ଗ୍ୟାଙ୍ଗ ସଦସ୍ୟମାନେ ଯୋଜନା କରୁଥିବା ସମୟରେ ପୋଲିସ ଚଢ଼ଉ କରି ୯ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ବିପୁଳ ପରିମାଣର *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅକ୍ଟୋବର ୨୦୨୫ ଶନିବାର





# ମୟୂରଭଞ୍ଜ ଜିଲ୍ଲାର ୧୦ ସାହିତ୍ୟ ସଂଗଠନଙ୍କୁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁକ୍ତି ତେବେ ଯାଇ ଅମୂଲ ତା ମୂଲ ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆନଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ବକ୍ତବ୍ୟ ସ୍ଥାନ ପାଇଥିଲା। ଏହି ଦିବସରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଦ୍‌ଘାଟିକା, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସନ୍ଥ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗରୱାଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରୁପ୍ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଦେବ ବିଜୟଜୀ, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଡ. ରମାକାନ୍ତ ସିଂ ଏବଂ ଉଦଳାର ପ୍ରମିଳା ପଣ୍ଡା ବକ୍ତା ଭାବେ ଯୋଗଦେଇ ସେବାର ସନ୍ଥ ବୋଲି କହିଥିଲେ। ସଦ୍‌ଭାବନା ସମିତି ତରଫରୁ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କୁ ସୁସାହିତ୍ୟିକ ଭାବେ ଓ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ପଦ୍ମନାଭ ସାହୁ, ପ୍ରତିଶ୍ରୁତି ପ୍ରତିଷ୍ଠାନର ଭାଗବତ ପଣ୍ଡା, ପୂଜ୍ୟପୂଜାର ଡ. ରମାକାନ୍ତ ସିଂ, ଉଦଳା ଗୋପବନ୍ଧୁ ମେମୋରିଆଲ୍ ସେବା ଟ୍ରଷ୍ଟର ପ୍ରମିଳା ପଣ୍ଡା, କପ୍ତିପଦା ଆରଣ୍ୟକ ସାହିତ୍ୟ ସଂସଦର ରାଜେନ୍ଦ୍ର କୁମାର ସାମଲ, ବେତନଟୀ ମୟୂର ସାହିତ୍ୟ ସଂସଦର ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ଚେତନାର ମାନସ ରଞ୍ଜନ ଦାସ, ରାଇରଙ୍ଗପୁର ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘର ପୁଷ୍ପାଞ୍ଜଳୀ ତ୍ରିପାଠୀ, ବଡସାହି ବାଣୀପୀଠର ସୌମରଞ୍ଜନ ନାୟକ ଏବଂ ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନର ରାଜକିଶୋର ଆଚାର୍ଯ୍ୟଙ୍କୁ ସମିତି ତରଫରୁ ସତ୍ ସାହିତ୍ୟ ପ୍ରଚାର ପାଇଁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ସନ୍ଦୀପ କୁମାର ଚାନ୍ଦ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ସଦସ୍ୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ସଦସ୍ୟ ମନୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ଏହି ସବୁ ଦିବସରେ ଏ ମାସରେ ଆବିର୍ଭାବ ଶିବମୁନି, ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।



# ତୁରେକେଲାରେ ଦୁଇ ଅଭିଯୁକ୍ତ ଗିରଫ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ତୁରେକେଲା ଥାନା ଅଧୀନ କୁସପାଲି ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ତନୁର୍ଜା ମେହେର (୩୨), ପିତା ଦିବଙ୍ଗତ ରଞ୍ଜନ ମେହେର ଓ ଛବିଲାଲ ନିଆଳ (୩୯), ପିତା ତୁଳାରାମ ନିଆଳ। ସୂତ୍ରମାନଙ୍କ କହିବା ଅନୁଯାୟୀ, ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ତୁରେକେଲା ଥାନା କେସ୍ ନମ୍ବର ୨୭୬/୨୫, ତାରିଖ ୦୭.୧୦.୨୦୨୫ ଅନୁସାରେ ଗିରଫ କରାଯାଇଛି। ମାମଲାଟି ଧାରା ୩୧୮(୨) ୧୪୬/୧୪୩/୨୯୬/୩୫୧(୩)/୩(୫) ଭାରତୀୟ ନ୍ୟାୟ ସଂହିତା (BNS) ଓ ଧାରା ୨୫ ISMW ଆଇନ୍ ଅନ୍ତର୍ଗତ ରୁଜୁ ହୋଇଛି। ପୋଲିସ ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ୦୮.୧୦.୨୦୨୫ ତାରିଖରେ କୋର୍ଟ ଚାଲାଣ କରିଛି ପୋଲିସ।

# ଦଣ୍ଡବିଧାନ ହେଉନି:ଗଡୁଛି ମାମଲା, ବଢୁଛନ୍ତି ମାଫିଆ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନିଶାବେପାର ଜୋର୍। କେବେ ନକଲି ମଦର ବନ୍ୟା। କେବେ ଗଞ୍ଜେଇ କାରବାରର ହବ୍। ନିଶା ମାଫିଆଙ୍କ ସଂଖ୍ୟା ବି ବଢ଼ିଲାଣି। ହେଲେ ଏଥିରେ ରୋକ୍ ଲାଗିବା ତ ଦୂରର କଥା, ଦଣ୍ଡବିଧାନ ପ୍ରତିଶତ ଏହାକୁ ଅଧିକ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲାରେ ୧୨ ହଜାରରୁ ଅଧିକ ମାମଲା କୋର୍ଟରେ ଗଡୁଥିବା ବେଳେ ଦଣ୍ଡବିଧାନ ହାର ମାତ୍ର ୦.୦୦୭ ପ୍ରତିଶତ। ଦଣ୍ଡବିଧାନ ହେଉନଥିବାରୁ ମାଫିଆମାନେ ଜେଲ୍‌ରୁ ମୁକୁଳି ପୁଣି ନିଜ ସାମ୍ରାଜ୍ୟ ସଜାଡୁଥିବା ଦେଖିବାକୁ ମିଳୁଛି। ଯାହା କେବଳ ନିଶା କାରବାର ବଢ଼ାଇନି ବରଂ ଅବକାରୀ ବିଭାଗର ମନୋବଳକୁ ବି ଭାଙ୍ଗି ଦେଉଛି। ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ଗତ ୫ ବର୍ଷରେ କୋର୍ଟରେ ବିଚାରାଧୀନ ମାମଲା ପ୍ରାୟ ୪ ଗୁଣା ବଢ଼ିଛି। ୨୦୨୦-୨୧ରେ ୨୮୦ ମାମଲା, ୨୦୨୧-୨୨ରେ ୫୨୨, ୨୦୨୨-୨୩ରେ ୯୪୫, ୨୦୨୩-୨୪ରେ ୧୦୦୭ ଓ ୨୦୨୪-୨୫ରେ ୧୧୦୧ ମାମଲା କୋର୍ଟରେ ବିଚାର ଚାଲିଛି। ସେଥିମଧ୍ୟରୁ ୨୦୨୦-୨୧ରେ ୨୨୪, ୨୦୨୧-୨୨ରେ ୪୦୨, ୨୦୨୨-୨୩ରେ ୫୧୨, ୨୦୨୩-୨୪ରେ ୪୫୮ ଓ ୨୦୨୪-୨୫ରେ ୩୭୧ ଜଣ ଅଭିଯୁକ୍ତ ମୁକୁଳିଛନ୍ତି। ଗତ ୫ ବର୍ଷରେ ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ମୋଟ୍ ୧୯୬୭ ଜଣ ନିଶା କାରବାରରେ ଗିରଫ ଅଭିଯୁକ୍ତ ଖଲାସ ହୋଇଥିବାବେଳେ ଜଣେବି ଅଭିଯୁକ୍ତ ଅଦାଲତରେ ଦଣ୍ଡିତ ହୋଇନାହାନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଅବକାରୀ ଜିଲ୍ଲାରେ ଗତ ୫ ବର୍ଷରେ ମାତ୍ର ଜଣକୁ ଦଣ୍ଡବିଧାନ କରାଯାଇଛି। ମୋଟ୍ ୯୮୩ ଜଣ ଅଭିଯୁକ୍ତ ମୁକୁଳିଥିବା ବେଳେ ୮୮୦୬ଟି ମାମଲାର କୋର୍ଟରେ ବିଚାରଧୀନ ରହିଛି। ସେଥିରୁ ୨୦୨୦-୨୧ରେ ୯୧୫ଟି ମାମଲା, ୨୦୨୧-୨୨ରେ ୧୨୭୨, ୨୦୨୨-୨୩ରେ ୧୯୪୧, ୨୦୨୩-୨୪ରେ ୨୨୩୨ ଓ ୨୦୨୪-୨୫ରେ ୨୪୪୬ ମାମଲା ବିଚାରାଧୀନ ରହିଛି। ଗଞ୍ଜାମ ଜିଲ୍ଲାରେ ମୋଟ୍ ୧୨,୯୭୮ଟି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ତେବେ ଏହା ପଛରେ ବିଭିନ୍ନ କାରଣ ସାମ୍ନାକୁ ଆସିଛି। ବରିଷ୍ଠ ଆଇନଜୀବୀଙ୍କ କହିବା ଅନୁସାରେ ଅବକାରୀ ମାମଲାର ସର୍ବାଧିକ ଦଣ୍ଡବିଧାନ ୭ ବର୍ଷ ରହିଛି। ଫଳରେ ବିଏନ୍ଏସ୍‌ରେ ଅଧିକାଂଶ ଅଭିଯୁକ୍ତଙ୍କୁ ନୋଟିସ୍ ଦେଇ ଛଡ଼ାଯାଉଛି। ସ୍ୱତନ୍ତ୍ର କୋର୍ଟ ନଥିବା ଯୋଗୁ ଓ ବିଭିନ୍ନ ଅବକାରୀ ମାମଲାର ଦଣ୍ଡବିଧାନ ସମୟ ବଢୁନଥିବାରୁ ଏପରି ସ୍ଥିତି ସୃଷ୍ଟି ହେଉଛି। କେବଳ ସେତିକି ନୁହଁ, ଅଧିକାଂଶ ମାମଲାରେ ଉପଯୁକ୍ତ ତଥ୍ୟ ପ୍ରମାଣ ତଦନ୍ତକାରୀ ସଂସ୍ଥା ଦେଇପାରୁନି। ଅଦାଲତରେ ବିଚାର ସମୟରେ ସାଇଣ୍ଟିଫିକ୍ ପ୍ରମାଣ ଓ ଜବତ ସାମଗ୍ରୀ ଦାଖଲ କରିହେଉନି। ଏଥିଲାଗି ମଧ୍ୟ ଅଭିଯୁକ୍ତଙ୍କୁ ଅଦାଲତ ଖଲାସ କରିବାକୁ ବାଧ୍ୟ ହେଉଛନ୍ତି। ଏ ଦିଗରେ ଆଇନଗତ ସଂସ୍କାର ଆସିବା ଜରୁରୀ ହୋଇଛି। ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ ପ୍ରଧାନଙ୍କ କହିବା ପ୍ରକାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ଲାଗି ଆମେ ଆପ୍ରାଣ ଉଦ୍ୟମ କରୁଛୁ। ବିଭିନ୍ନ କାରଣରୁ ଅନେକ ସମୟରେ ସେମାନେ କୋର୍ଟରୁ ମୁକୁଳି ଯାଉଛନ୍ତି। ଏ ଦିଗରେ ବିଭାଗ କାମ କରୁଛି। ଆଗକୁ କିପରି ଅଧିକ ଅଭିଯୁକ୍ତ ଦଣ୍ଡିତ ହେବେ ଆମେ କାମ କରୁଛୁ ବୋଲି ସେ କହିଥିଲେ।

# ହାଇୱା ଧକ୍କାରେ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଲକ୍ଷ୍ମଣପୁର ଗ୍ରାମ ନିକଟ ବୁଲାଣି ଠାରେ ଏକ ହାଇୱା ଓ ବୁଲେଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅଯୋଧ୍ୟା ଗ୍ରାମର ଅମୂଲ୍ୟ ମହାକୁଡ କୌଣସି କାମରେ ଚାରିଛକ ଆସି ଘରକୁ ଫେରୁଥିବା ସମୟରେ ଚାରିଛକ-କୁଶଙ୍ଗ ରାସ୍ତାର ଲକ୍ଷ୍ମଣପୁର ଗ୍ରାମ ନିକଟ ବୁଲାଣି ଠାରେ ସାମ୍ନାରୁ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ବୁଲେଟ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ହାଇୱାଟିକୁ ରଖିଦେଇ ଘଟଣାସ୍ଥଳରୁ ଫେରାର୍ ମାରିଥିବା ବେଳେ ପୁରୁଣା କଟକ ଥାନାରେ ଚାଳକ ଆତ୍ମ ସମର୍ପଣ କରିଛି। ଖବରପାଇ ପୁରୁଣା କଟକ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣି ଥାନା ସଦେଇପୁର ଗ୍ରାମ ନିକଟ କେନାଲ ପୋଲ୍ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ପଡୋଶୀ ସିଙ୍ଗାରୀ ଗ୍ରାମର କୁନା ନାଏକ ବୋଲି ପରିବାର ଚିହ୍ନଟ କରି ବାଉଁଶୁଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ କୁନା ଘରକୁ ଫେରିନଥିବା ବେଳେ ପରିବାର ଖୋଜାଖୋଜି କରିଥିଲେ। ସକାଳେ ସଦେଇପୁର କେନାଲ ମଧ୍ୟରେ ମୃତଦେହ ପଡିଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ପାଇଁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଆଣିଛି। କେନାଲ ପୋଲ ଉପରେ କୁନା ବସିଥିବା ବେଳେ ଅସାବଧାନତାବଶତଃ କେନାଲ ମଧ୍ୟକୁ ଖସି ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ସନ୍ଦେହ କରାଯାଉଛି। ପୋଲିସର ତଦନ୍ତ ଓ ବ୍ୟବଚ୍ଛେଦ ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ଆଲୋଚନା ହେଉଛି।

# ବ୍ୟାସ ପ୍ରିଣ୍ଟମିଡ଼ିଆ ଆସୋସିଏସନ୍ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କୋଟି ଓଡ଼ିଆର ମଉଡମଣି, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ, ବିଶିଷ୍ଟ ଜନନାୟକ, ବାଗ୍ମୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ ତମ ପବିତ୍ର ଜନ୍ମଜୟନ୍ତୀ ଅଗ୍ରଣୀ ସାମ୍ବାଦିକ ସଂଗଠନ ଯାଜପୁର ଜିଲ୍ଲାର ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନ୍ ପକ୍ଷରୁ ପାଳିତ ହୋଇଯାଇଛି। ଆସୋସିଏସନ୍ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ଗୋପବନ୍ଧୁ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ, ବାବୁରାମ ଜେନା ପୁଷ୍ପମାଲ୍ୟ ଅର୍ପଣ କରି ବକ୍ତବ୍ୟ ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର ସମ୍ପାଦକ ଡ଼. ଚିନ୍ତାମଣି ପାଢ଼ୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତାଇ, ଯଜ୍ଞଦତ୍ତ ତ୍ରିପାଠୀ, ସହ ସମ୍ପାଦକ କୈଳାସ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ପବିତ୍ର ରଂଜନ ମହାନ୍ତି, ବିଜୟ କୁମାର ସାହୁ, ଦୁଷ୍ମନ୍ତ କୁମାର ରାଉତ, ପ୍ରଶାନ୍ତ କୁମାର ପାତ୍ର, ସୁଦୀପ ମିଶ୍ର, ଜ୍ଞାନରଞ୍ଜନ ରାଉତ, ଶ୍ରୀକାନ୍ତ ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ପ୍ରକାଶ ରାଉତ, ଜ୍ଞାନ ରଞ୍ଜନ ଓଝା, ଜ୍ୟୋତିପ୍ରକାଶ ଭୂୟାଁ, ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଧର୍ମଶାଳାରେ ଯୁବକଙ୍କ ଆତଙ୍କରାଜ:୪ ଗିରଫ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଚାରି ଦିନ ତଳେ ଧର୍ମଶାଳା ପୋଲିସ ଦ୍ୱାରା ପର୍ଦ୍ଦାଫାଶ ହୋଇଥିବା ଜାତୀୟ ରାଜପଥ ଉପରୁ ଲୁଟ୍ ଛିନ୍‌ତାଇ ମାମଲାରେ ଭଦ୍ରକ ଜିଲ୍ଲା ଧାମନଗରର ଲିଙ୍କ ରହିଛି। ଏହି ମାମଲାରେ ଧର୍ମଶାଳା ପୋଲିସ ଧାମନଗରର ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ମୁସ୍ତଫାପୁର ପଞ୍ଚାୟତ ନୂଆପଡ଼ା ଗାଁର ୨ ଯୁବକ ବଳରାମ ଦାସ, ଜଗନ ଦାସ ଦୋବଲ ପଞ୍ଚାୟତ ସୋଧର ଗୌତମ କୁଣ୍ଡୁ ଏବଂ ଆନନ୍ଦ କୁଣ୍ଡୁ। ଦଶହରା ସମୟରେ ଧର୍ମଶାଳା ପୋଲିସ ଆସି ଧାମନଗର ପୋଲିସ ସହାୟତାରେ ପ୍ରଥମେ ସୋଧରୁ ଗୌତମ ଓ ତାଙ୍କ ପଡ଼ୋଶୀ ଆନନ୍ଦ କୁଣ୍ଡୁଙ୍କୁ ଉଠାଇ ନେଇଥିଲା। ପରେ ପରେ ଅଳ୍ପ ଦୂରର ନୂଆପଡ଼ା ଗାଁରୁ ବଳରାମ ଓ ଜଗନଙ୍କୁ ଧରିଥିଲେ। ଧାମନଗର ଥାନାରେ ଆଇନ୍‌ଗତ ପ୍ରକ୍ରିୟା ସାରି ସମସ୍ତ ୪ ଜଣଙ୍କୁ ଧର୍ମଶାଳା ନେଇ ପଚରାଉଚରା କରିଥିଲେ। ପରେ ଅନ୍ୟ ୨ ଜଣଙ୍କ ସହ କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରୁ ସ୍ପଷ୍ଟ ହୋଇଛି ଯେ, ସୁନା ଗହଣା ଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଧାମନଗର ଥାନା ଅଞ୍ଚଳ। ବର୍ଷକ ଭିତରେ ତିନି ତିନିଟି ଘଟଣାରେ ଧାମନଗର ଅଞ୍ଚଳର ଲୋକଙ୍କ ଏଭଳି ସଂପୃକ୍ତି ଚିନ୍ତାର କାରଣ ପାଲଟିଛି। ଧର୍ମଶାଳା ଘଟଣାକୁ ମିଶାଇ ଗୌତମ କୁଣ୍ଡୁ ତିନି ତିନିଟି ଚୋରି ମାମଲାରେ ଗିରଫ ହୋଇଛନ୍ତି। ଗତବର୍ଷ ଜୁନ୍‌ରେ ଓ ସେପ୍ଟେମ୍ବରରେ ଯାଜପୁର ଥାନା ଅଞ୍ଚଳରେ ହୋଇଥିବା ସୁନା ଚୋରି ଘଟଣାରେ ଯାଜପୁର ପୋଲିସ ଗୌତମ ଗିରଫ ହୋଇଥିଲେ। ଧର୍ମଶାଳା ପୋଲିସ ଦ୍ୱାରା ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଧାମନଗର ଥାନା ଅଞ୍ଚଳର ବଳରାମ ଓ ଜଗନ ଜାତୀୟ ରାଜପଥରେ ଲୋକଙ୍କୁ ଟାର୍ଗେଟ୍ କରିଥାନ୍ତି। ଏକୁଟିଆ ଯାଉଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥାନ୍ତି। ନମ୍ବର ବିହୀନ କଳା ପଲସରରେ ବିଜୁଳି ବେଗରେ ଆସି ଛିନ୍‌ତାଇ କରି ପଳାଇଥାନ୍ତି। ଆଉ ଲୁଟ୍ ସୁନା ଗହଣାକୁ ଗୌତମ, ଆନନ୍ଦ ଓ ଅନ୍ୟ ଲୋକଙ୍କୁ ବିକ୍ରି କରିଥାନ୍ତି। କିଛିଦିନ ତଳେ ହାଇୱେରେ ପାଟ୍ରୋଲିଂ ବେଳେ ବଳରାମ ଓ ଜଗନ ଧରାପଡ଼ିଥିଲେ। ତାପରେ ଏମାନେ ସବୁ ଧରା ହୋଇଛନ୍ତି।



# ଚୋରା ମଦ ଜବତ:୨ ମହିଳା ସମେତ ୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ୍, ମାର୍ଶାଘାଇ, ରାଜକନିକା ଓ ରାଜନଗର ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଗଜରାଜପୁର ଗ୍ରାମର ଜଳଧର ମଳିକଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ, ଧଣ୍ଡିଆ ଗ୍ରାମର ସୌମ୍ୟ ରଞ୍ଜନ ପାତ୍ରଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ, କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଅଙ୍ଗୁଲାଇ ଗ୍ରାମର ଶରତ ବାରିକଙ୍କ ଠାରୁ ୧୨ ଲିଟର ଦେଶୀ ମଦ, ବଡହାଟ ଗ୍ରାମର କୁମୁଦୁନି ମହାରଣାଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୮୧ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକନ୍ତ ନାୟକ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ପୀତବାସ ପଣ୍ଡା ହତ୍ୟାର ପ୍ରତିବାଦ:ସୁବର୍ଣ୍ଣପୁର ଜିଲ୍ଲାରେ କୋର୍ଟ କାର୍ଯ୍ୟ ଠପ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତିକ୍ରମେ ବ୍ରହ୍ମପୁରର ଆଇନଜୀବୀ ତଥା ଓଡ଼ିଶା ବାର୍ କାଉନସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ଓଡ଼ିଶା ବାର୍ କାଉନସିଲ ପକ୍ଷରୁ କଲମଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ବୁଧବାର ୮ ତାରିଖ ଦିନ ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧ କଲମଛାଡ଼ ଆନ୍ଦୋଳନ କରାଯାଇଛି। ଏହା ଫଳରେ ସମସ୍ତ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଠପ୍ ହୋଇଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା କୋର୍ଟରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ଉପସଭାପତି ଦଶରଥ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେବା ସହ ହତ୍ୟାକାଣ୍ଡ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା ଏବଂ ମୃତକ ଶ୍ରୀ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରଯାଇଥିଲା। ଆଇନଜୀବୀ ସୁରକ୍ଷା ଆଇନ୍ ତୁରନ୍ତ ଲାଗୁ, ମୃତକ ଶ୍ରୀ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ, କେଉଁ ପରିସ୍ଥିତିରେ ଆଇନଜୀବୀଙ୍କୁ ହତ୍ୟା କରାଯାଇଥିଲା, ଏହା ପଛର କାରଣ ଓ ଷଡ଼ଯନ୍ତ୍ର ପ୍ରସଙ୍ଗରେ ବିଚାରବିଭାଗୀୟ ତଦନ୍ତ ପ୍ରମୁଖ ଦାବି ଉପସ୍ଥାପନ କରାଯାଇଥିଲା।

# ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ହାଇକୋର୍ଟଙ୍କ ରୋକ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ପୌରପରିଷଦର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ହାଇକୋର୍ଟ ରୋକ୍ ଲଗେଇଛନ୍ତି। ଭୋଟ୍ ଗ୍ରହଣ ହୋଇଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ଗଣତି ଓ ଫଳାଫଳ ଘୋଷଣା ହୋଇପାରିଲାନାହିଁ। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୫ ତାରିଖକୁ କୋର୍ଟ ଧାର୍ଯ୍ୟ କରିଛନ୍ତି। ପୌର ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ପୂର୍ବତନ ସାଂସଦ ଭାସ୍କର ରାଓଙ୍କ ଗୋଷ୍ଠୀକୁ ଝଟ୍‌କା ଲାଗିଛି। ପୌର ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ନୋଟିସ୍‌ର କୌଣସି ବୈଧ କିମ୍ବା ବିଶେଷ କାରଣ ନଥାଇ ଅନାସ୍ଥା ଅଣାଯାଇଛି ବୋଲି ଶ୍ରୀମତି ପଣ୍ଡା ହାଇକୋର୍ଟରେ ନ୍ୟାୟ ପାଇଁ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି କୋର୍ଟରେ ଚୂଡାନ୍ତ ରାୟ ଶେଷ ନହେବା ପର୍ଯ୍ୟନ୍ତ ଭୋଟ୍ ଫଳାଫଳ ଘୋଷଣା ହୋଇପାରିବନାହିଁ ବୋଲି ରୋକ୍ ଲଗାଇଥିଲେ। ଏହି ସମ୍ପର୍କରେ ତୁରନ୍ତ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ କୋର୍ଟ ପକ୍ଷରୁ ଅବଗତ କରାଯାଇଥିଲା। ଭୋଟିଂ ପ୍ରକ୍ରିୟା ଚାଲୁ ରହିଥିବା ବେଳେ କୋର୍ଟ ନିର୍ଦ୍ଦେଶ ସମ୍ପର୍କରେ ଜିଲ୍ଲାପାଳ ଭୋଟିଂ ପରିଚାଳନା କରୁଥିବା ଉପ ଜିଲ୍ଲାପାଳ ରମେଶ ଜେନାଙ୍କୁ ଜଣାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପସ୍ଥିତ କାଉନସିଲର ମାନଙ୍କ ଭୋଟ୍ ଗ୍ରହଣ କରାଯାଇ ଭୋଟ୍ ବକ୍ସକୁ ସିଲ୍ କରିଦିଆଯାଇଥିଲା। କିନ୍ତୁ ଗଣତି କିମ୍ବା ଫଳାଫଳ ଘୋଷଣା ହୋଇପାରିନଥିଲା। ଏହାକୁ କେନ୍ଦ୍ରକରି ପୌର ପାଳିକା କାର୍ଯ୍ୟାଳୟ ନିକଟରେ ଭିଡ଼ ଜମିଥିବା ବେଳେ ନାଟକୀୟ ପରିସ୍ଥିତି ଦେଖାଯାଇଥିଲା। ହଠାତ୍ କିଛି ଦଳୀୟ କର୍ମୀ ଓ ନେତା ପତାକା ଧରି ନବୀନ ପଟ୍ଟନାୟକ ଜିନ୍ଦାବାଦ ସ୍ଲୋଗାନ୍ ଦେବା ଘଟଣାକୁ ନେଇ କିଛି ସମୟ ସମସ୍ତଙ୍କୁ ସସ୍‌ପେନ୍ସରେ ପକାଇ ଦେଇଥିଲା। ପରେ ହାଇକୋର୍ଟର ନିର୍ଦ୍ଦେଶ ଆସିବା ପରେ ବିଜୁ ଜନତା ଦଳ କର୍ମୀ ମାନେ ଆନନ୍ଦରେ ଉତ୍ସବ ମନେଇଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାର ଦିନ ପୂର୍ବାହ୍ନରେ ଅନାସ୍ଥା ପ୍ରସ୍ତାବ ଆଣି ଅଜ୍ଞାତରେ ଥିବା ବିଜେଡ଼ିର ୧୯ ଜଣ କାଉନସିଲର ଏକାଠି ହୋଇ ପୌର ପାଳିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷକୁ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅନାସ୍ଥା ପ୍ରସ୍ତାବ ସାମ୍ନା କରୁଥିବା ପୌର ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ଏବଂ ହୁଇପ ନିରୀକ୍ଷଣ ପାଇଁ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ସହ ମଧ୍ୟ ସମ୍ମିଳନୀ କୋଠରୀ ମଧ୍ୟକୁ ପ୍ରବେଶ କରିଥିବା ବେଳେ ୧୩ ନମ୍ବର ୱାର୍ଡର କାଉନସିଲର ପ୍ରତିମା ପାଣିଗ୍ରାହୀ ଏକୁଟିଆ ଆସିଥିବା ଦେଖିବାକୁ ମିଳିଥିଲା। ତେବେ ବିଜେପିର ଦୁଇ ଜଣ ଏବଂ କଂଗ୍ରେସ ଦଳର ଜଣେ କାଉନସିଲର ଅନୁପସ୍ଥିତ ରହିଥିଲେ। ନିର୍ଦ୍ଧାରିତ ସମୟରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟିଙ୍ଗ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ବାହାରେ ରାଜନୈତିକ ଉତ୍ସୁକତା ପ୍ରବଳ ମାତ୍ରରେ ଦେଖାଯାଇଥିଲା। ଭୋଟିଙ୍ଗ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାରେ ପରିଚାଳନା ପାଇଁ ୨ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ବୁଧୁବାର ଦିନ ବିଜୁ ଜନତା ଦଳର ସୁପ୍ରିମୋ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଓଡ଼ିଶା ପୌର (ସଂଶୋଧନ) ନିୟମ ୨୦୧୮ର ନିୟମ ୪୬ଖ ଦ୍ୱାରା ଦିଆଯାଇଥିବା କ୍ଷମତା ବ୍ୟବହାର କରି ଦଳୀୟ କାଉନସିଲରଙ୍କୁ ଦଳୀୟ ପତ୍ର ମାଧ୍ୟମରେ ଅନାସ୍ଥା ବିରୋଧରେ ଭୋଟ୍ ପାଇଁ ହ୍ୱିପ୍ ଜାରି କରିଥିଲେ। ଏହାପରେ ବିଜେଡ଼ି ସମର୍ଥିତ ପୌର ଉପାଧ୍ୟକ୍ଷା ଶୁଭ୍ରାଙ୍କ ବିରୋଧରେ ଆଗତ ଅନାସ୍ଥା ନେଇ ରାଜନୀତି ଜୋର୍ ଧରିଥିଲା। ଏହା ପୂର୍ବରୁ ବିଜେଡ଼ି ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଦଳର ୧୯ ଜଣ କାଉନସିଲର ସମେତ ପୌର ଅଧ୍ୟକ୍ଷ ମହେଶ ପଟ୍ଟନାୟକଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ପୌରଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ବ୍ୟତୀତ କାଉନସିଲର କେହିହେଲେ ନୋଟିସ୍‌ର ଉତ୍ତର ଦେଇନଥିଲେ। ସୂଚନାଯୋଗ୍ୟ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ବିଜେଡ଼ି କାଉନସିଲର ମାନଙ୍କୁ ଅଣଦେଖା କରି ଆସୁଥିବା ଓ କୌଣସି କାମରେ ସହଯୋଗ କରୁନଥିବା ଅଭିଯୋଗ କରି ବିଜେଡ଼ିର ୧୯ ଜଣ କାଉନସିଲର ଗତ ସେପ୍ଟେମ୍ବର ୧୨ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓଙ୍କ ସମେତ ପୂର୍ବତନ ରାୟଗଡା ବିଧାୟକ ଲାଲାବିହାରୀ ହିମିରିକା ବିଜେଡିରୁ ଇସ୍ତଫା ଦେବା ପରେ ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପୌର ଉପାଧ୍ୟକ୍ଷ ପଦବୀ ପାଇଁ ଅନାସ୍ଥାର ବିଶେଷ ଗୁରୁତ୍ୱ ନଥିଲେ ମଧ୍ୟ ରାୟଗଡାରେ ବିଜୁଦଳର ସାମ୍ପ୍ରତିକ ପରିସ୍ଥିତିରେ ଏହା ପୂର୍ବତନ ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଭାସ୍କର ରାଓ ଏବଂ ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସାରକା, ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସୁଧୀର ଦାଶଙ୍କ ନିମନ୍ତେ ସମ୍ମାନର ପ୍ରଶ୍ନ ଥିଲା।



# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ୩ କର୍ମଚାରୀ ସମ୍ମାନିତ

**ଖୋର୍ଦ୍ଧା ରୋଡ଼, ନ୍ୟୁଜ୍ ବ୍ୟୁରୋ**

ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଟ୍ରେନ୍ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଖୋର୍ଦ୍ଧା ରୋଡ଼ ମେମୁ ସେଡରେ କାର୍ଯ୍ୟରତ ଜୁନିୟର ଇଞ୍ଜିନିୟର ସୋମନାଥ ପଣ୍ଡା ଓ ଟେକ୍‌ନିସିଆନ୍ III କୃଷ୍ଣଚନ୍ଦ୍ର ପାଢ଼ୀ ଏବଂ ବଡ଼ବନ୍ଧ ଷ୍ଟେସନ୍ ପ୍ରବନ୍ଧକ ସୁରେଶ ଚନ୍ଦ୍ର ଲେଙ୍କା ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଉକ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍‌ନିସିଆନ୍ ଏବଂ ଷ୍ଟେସନ୍ ଅପରେଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଏହାର କର୍ମଚାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ଏବଂ ସମସ୍ତ କାର୍ଯ୍ୟରେ ଉତ୍କର୍ଷତା ଏବଂ ନିରାପତ୍ତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ପି.କେ.ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବାବେଳେ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମିନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ଶ / ୧୦ବୃ | ୮ | ୭ଶୁ / ରା୬ |
| ୧୧ | ୪ / ୨ | ୫ |
| ୧୨କେ / ୧ଶୁ | ୨ବୃମ୍ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୧।୧୦।୨୦୨୫, ଆଶ୍ୱିନ ଦି୨୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୪୦।୦୫ ଚନ୍ଦ୍ରୋଦୟ-ରାଘ୮।୫୯।୧୦**

**ପଞ୍ଚମୀ**-ଦିଘ ୪।୪୪ ପର୍ଯ୍ୟନ୍ତ। **ରୋହିଣୀ ନକ୍ଷତ୍ର**- ଦିଘ ୩।୨୧ ପର୍ଯ୍ୟନ୍ତ। **ବୃଷଚନ୍ଦ୍ର**- ରାଘ ୨।୨୫ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର। ରାଘ ୨।୨୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର**- ବିଛା ରାଶିର। ରାଘ ୨।୨୫ ଗତେ କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ**- ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ**- ପଣସ ଦିଘ ୪।୪୪ ପରେ ନିମ ଖାଇବା ମନା। **ଆଜିର ଶୁଭବେଳା**- ପ୍ରାଘ ୭।୧୭ ଗତେ ଘ ୮।୩୮ ମଧ୍ୟେ। ଦିଘ ୨।୨୮ ଗତେ ଘ ୩।୦୩ ମଧ୍ୟେ। **ପର୍ବୋତ୍ସବ**- ବାଜି ରାଉତ ଶହୀଦ ଦିବସ।



**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି। ପରିଶ୍ରମର ପରିମାଣ ଅତିମାତ୍ରାରେ ବଢିବ। ପାରିବାରିକ ଶାନ୍ତି ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦୂରଯାତ୍ରା କରିପାରନ୍ତି। ମନ ଭଲ ରହିବ।



**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢିବ। ସହଯୋଗୀମାନଙ୍କ ସହଯୋଗ ମତିଭ୍ରମ କରିବ। ପଥଭ୍ରଷ୍ଟର ସମ୍ଭାବନା। ଆୟର ପରିମାଣ ବଢିବ। ପରିବାରରେ କଳହ ସୃଷ୍ଟିର ଆଶଙ୍କା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା।



**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ। ଉତ୍ତମ ଫଳ ଲାଭ ହେବ। ଆୟର ପରିମାଣ କମିଯିବ। ପାରିବାରିକ ଆନନ୍ଦ ବଜାୟ ରହିବ। ପରିଶ୍ରମ ଅଧିକ ହେବ। ଶତ୍ରୁ ନାଶ ହେବାର ସୂଚନା ରହିଛି।



**କର୍କଟ:** ମନରେ ଆନନ୍ଦ ଆସିବ। କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ। ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ। ଆୟ ବଢିବ ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ।



**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ। ଆୟ ଓ ବ୍ୟୟ ପରିମାଣ ସମାନ ରହିବ। ଘରେ ଦ୍ୱନ୍ଦର ସୂଚନା। ମନରେ ବିରକ୍ତି ଭାବ ଜାଗ୍ରତ ହେବ। ମହିଳାମାନେ ସୁଖୀ ହେବେ।



**କନ୍ୟା:** ସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ। ବନ୍ଧୁ ସହଯୋଗ ପ୍ରାପ୍ତି ହେବ। ବିଶ୍ରାମ ନେବାକୁ ପସନ୍ଦ କରିବେ। ଆୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ରହିବ।



**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି। କାର୍ଯ୍ୟ କରିବେ ନାହିଁ। ମନରେ ବ୍ୟଥା ଆସିବ। ଶାରୀରିକ ଅସୁସ୍ଥ ଭୋଗିବେ। ବ୍ୟୟର ପରିମାଣ ବଢିବ। ଆୟ ସ୍ଥିର ରହିବ। କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି।



**ବିଛା:** ଆଜି ଦିନଟି ସେତେ ଭଲରେ ଯିବ ନାହିଁ। ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। କର୍ମହାନି ଅଯଥା ବାଦବିବାଦର ସମ୍ମୁଖୀନ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଜଞ୍ଜାଳ।



**ଧନୁ:** ମନରେ ଅହଂକାର ଆସିବ। ସହଯୋଗୀ ବା କୁଟୁମ୍ବଙ୍କ କ୍ରୋଧ ସୃଷ୍ଟି ହେବ। ଅଶାନ୍ତି ବଢିବ। ଆୟ ଓ ବ୍ୟୟର ପରିଣାମ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ। ମହିଳାମାନେ ଗର୍ବୀ ହେବେ।



**ମକର:** ନୀତି ବହିର୍ଭୂତ କାର୍ଯ୍ୟ କରିବେ। କୂଟନୀତିରେ ସଫଳ ପ୍ରାପ୍ତ ହେବ। ଦୂର ସ୍ଥାନକୁ ଯାତ୍ରା କରିବେ। ଲାଭବାନ ହେବେ। ରୋଜଗାର ଭଲହେବ। ପରିବାରରେ ଶାନ୍ତି ପାଇବେ। ଦେହ ଓ ମନ ଭଲ ରହିବ।



**କୁମ୍ଭ:** ଦିନଟି ସେତେ ଭଲ ନୁହେଁ। ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବ ନାହିଁ। ଦୂରଯାତ୍ରା କିନ୍ତୁ କାର୍ଯ୍ୟହାନି। ଆୟର ଅଗ୍ରଗତି ହେବ। ପରିବାର ମଧ୍ୟରେ ଜଞ୍ଜାଳ ରହିବ ନାହିଁ। ମହିଳାମାନେ ସୁଖୀ ହେବେ।



**ମୀନ:** ହସ ଖୁସିରେ ଦିନ କାଟିବେ। କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ। ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ। ଲୋକପ୍ରିୟତା ବୃଦ୍ଧି ପାଇବ। ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା। ମନ ଅସ୍ଥିର ରହିବ।

# ହାଇକୋର୍ଟରେ ଭଣ୍ଡାରିପୋଖରୀ ନିର୍ବାଚନ ଅନିୟମିତତା ମାମଲା ଖାରଜ

**କଟକ, ନ୍ୟୁଜ୍ ବ୍ୟୁରୋ**

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନୀ ମାମଲାକୁ ଗୁରୁବାର ଖାରଜ କରିଦେଇଛନ୍ତି ହାଇକୋର୍ଟ। ମାମଲା ପରିଚାଳନା ପାଇଁ କୋର୍ଟଙ୍କ ପକ୍ଷରୁ ଗେଜେଟ ନୋଟିଫିକେସନ୍ ଜାରି ହୋଇଥିଲେ। ହେଲେ ଏହି ମାମଲା ଦାୟର କରିଥିବା ଆବେଦନକାରୀଙ୍କ ମୃତ୍ୟୁ ହୋଇସାରିଛି। ତେଣୁ ନିର୍ଦ୍ଧାରିତ ସମୟରେ କୌଣସି ଆବେଦନକାରୀ ପକ୍ଷ ନରଖିବାରୁ ସର୍ବୋଚ୍ଚ ନ୍ୟାୟାଳୟ ମାମଲା ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ମାମଲା ଦାୟର କରାଯାଇଥିଲା।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୨।୧୦।୨୦୨୫, ଆଶ୍ୱିନ ଦି୨୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୪୦।୨୩ ଚନ୍ଦ୍ରୋଦୟ-ରାଘ୧୦।୦୩।୦୮**

**ଷଷ୍ଠୀ**-ଦିଘ ୨।୧୭ ପର୍ଯ୍ୟନ୍ତ। **ମୃଗଶିରା ନକ୍ଷତ୍ର**- ଦିଘ ୧।୩୮ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର**- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି**- ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର**- କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ**- ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ**- ନିମ ଦିଘ ୨।୧୭ ପରେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା**- ପ୍ରାଘ ୬।୩୦ ଗତେ ଘ ୮।୫୦ ମଧ୍ୟେ। ଦିଘ ୧।୦୧ ଗତେ ଘ ୩।୦୨ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଅର୍ଥନୀତିର ଦ୍ରୁତ ଗତିରେ ଭାରତ ସବୁଠୁ ଆଗରେ

ଅର୍ଥନୀତିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବାରେ ଅନ୍ୟ ସବୁ ଦେଶକୁ ଭାରତ ପଛରେ ପକାଇ ଦେଇଛି। ଏହା ଅନ୍ୟମାନଙ୍କଠାରୁ ଢେର ଦ୍ରୁତ ଗତିରେ ଆଗକୁ ବଢୁଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉପଯୋଗିତା ବଢୁଥିବାରୁ ଭାରତୀୟ ଅର୍ଥନୀତି କ୍ଷୀପ୍ର ଗତିରେ ଦୌଡୁଛି। ତେଣୁ ଏହା ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ବଜାୟ ରଖିବ। ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାର ଅର୍ଥନୀତିକୁ ଆଗକୁ ବଢ଼ିବାରେ ସମର୍ଥନ କରିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ଏହା ନିଜର ସଦ୍ୟତମ ରିପୋର୍ଟରେ ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ। ଏହା ନିଜର ପୂର୍ବ ଆକଳନ ୬.୩ ପ୍ରତିଶତକୁ ବଦଳାଇ ଅଧିକ କରିଛି। କିନ୍ତୁ ୨୦୨୬-୨୭ରେ ଭାରତର ଅଭିବୃଦ୍ଧି ୬.୩ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ପ୍ରଭାବରେ ଭାରତର ଅର୍ଥନୀତି ମନ୍ଥର ହେବ ବୋଲି ଏହା କହିଛି। ଚଢ଼ା ଶୁଳ୍କ ପ୍ରଭାବରେ ଦେଶର ରପ୍ତାନି ପ୍ରଭାବିତ ହେବ। ସେଥିପାଇଁ ଅର୍ଥନୈତିକ ଅଭିବୃଦ୍ଧି କମିବ ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ ଆକଳନ କରି ବିଶ୍ୱବ୍ୟାଙ୍କ ଜଣାଇଛି ଯେ ୨୦୨୫-୨୬ରେ ବାଂଲାଦେଶର ଅଭିବୃଦ୍ଧି ୪.୮ ପ୍ରତିଶତ ରହିବ। ଭୂଟାନରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ଅର୍ଥନୈତିକ ଅଭିବୃଦ୍ଧି ୭.୩ ପ୍ରତିଶତକୁ ଖସିଯିବ। ମାଳଦ୍ୱୀପର ଅଭିବୃଦ୍ଧି ୩.୯ ପ୍ରତିଶତ ରହିବ। ନିକଟରେ ନେପାଳରେ ଦେଖାଦେଇଥିବା ଅସ୍ଥିରତା ପ୍ରଭାବରେ ଦେଶର ଅଭିବୃଦ୍ଧି ୨.୧ ପ୍ରତିଶତକୁ ଖସିଯିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ପର୍ଯ୍ୟଟନ ଓ ରପ୍ତାନିରେ ଘଟିଥିବା ଉନ୍ନତି ପ୍ରଭାବରେ ଶ୍ରୀଲଙ୍କାର ଅଭିବୃଦ୍ଧି ୩.୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା, ବାଣିଜ୍ୟ ନୀତିକୁ ନେଇ ଅନିଶ୍ଚିତତା, ସାମାଜିକ-ରାଜନୈତିକ ଉତ୍ତେଜନା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଭାବରେ ଶ୍ରମ ବଜାରରେ ଦେଖାଦେଇଥିବା ଅସ୍ଥିରତା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିବ।

# ବଧୂ ବିଦେଶିନୀ-୩୮

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୫୪.ରାଜା ଓ ରାଜପୁତ୍ରଙ୍କ ମଧ୍ୟରେ ଜାତିପ୍ରଥା



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ମୁଁ ଓ ସୁହାସିନୀ ଭଗବାନ, ତାଙ୍କ ଅବତାର, ଦେବତା ଓ ସେମାନଙ୍କ ଭାଇମାନଙ୍କ ଜାତି ବିଷୟରେ ବ୍ୟାଖ୍ୟା କରି ଏମାନଙ୍କ କ୍ଷେତ୍ରରେ କୌଣସି ଜନ୍ମଭିତ୍ତିକ ଜାତି ବ୍ୟବସ୍ଥା ନଥିଲା ତଥା କର୍ମ ଭିତ୍ତିକ ଜାତି ଥିଲା ବୋଲି ଅନେକ ପ୍ରଶ୍ନ ପଚାରି ତର୍କ କରିଲୁ। ପଣ୍ଡିତ ଦ୍ୱୟ କେବଳ ପ୍ରଶ୍ନ କରୁଥିଲେ ଓ ଆମ୍ଭର କୌଣସି ପ୍ରଶ୍ନରଉତ୍ତର ଦେଉ ନଥିଲେ। ଏସବୁ ପରେ କୁଳଗୁରୁ କହିଲେ ଯେ ବହୁ ସମୟ ଅତିକ୍ରାନ୍ତ ହୋଇଯିବ। ତେଣୁ କେବଳ କେତୋଟି ଉଦାହରଣ ସଂକ୍ଷେପରେ ତୁମ୍ଭେ ଦ୍ୱୟ ପ୍ରଦାନ କରିଲେ ଉତ୍ତମ ହେବ।

ଏହା ଶୁଣି ସବିନୟ ସ୍ୱରରେ ମୁଁ ଆରମ୍ଭ କଲି, "ହେ ମହାଶୟ, ଆମ୍ଭେ ବର୍ତ୍ତମାନ ଶାସ୍ତ୍ର ବର୍ଣ୍ଣିତ ଅଳ୍ପ କେତେକ ରାଜାଙ୍କ ମଧ୍ୟରେ ଜାତି ପ୍ରଥା କିପରି ପ୍ରଚଳିତ ଥିଲା, ସେ ବିଷୟରେ କିଛି ଉପସ୍ଥାପନ କରୁଅଛୁ।"

ମୁଁ କହିଲି, "ବର୍ତ୍ତମାନ ମୁଁ ଦ୍ୱାରିକାଧୀଶ ଭଗବାନ ଶ୍ରୀକୃଷ୍ଣଙ୍କ ବିଷୟରେ କିଛି କହୁଛି। ପୂର୍ବରୁ ଆମ୍ଭେ କହିଥିଲୁ ଯେ ଜାତିରେ ସେ ଗୋପାଳ ବା ମାନବ ଥିଲେ। ମାମୁଁ କଂସଙ୍କୁ ବଧ କଲା ପରେ ନିଜ ଅଜାଙ୍କୁ ସେ ମଥୁରା ସିଂହାସନ ପ୍ରଦାନ କରିଥିଲେ। ତେଣୁ କଂସଙ୍କର ମହାପ୍ରତାପୀ ଶ୍ୱଶୁର ଜରାସନ୍ଧ ମଥୁରା ଉପରେ ବାରମ୍ବାର ଆକ୍ରମଣ କରିଥିଲେ। ସେଥିରୁ ମୁକ୍ତିପାଇ ଶାନ୍ତି ରକ୍ଷାପାଇଁ ସେ ସୁଦୂର ଦ୍ୱାରିକା ଦ୍ୱୀପକୁ ଯାଇ ସେଠାରେ ରାଜତ୍ୱ କଲେ। ଅତଃ ସେ କ୍ଷତ୍ରୀୟ ଭାବେ ପରିଗଣିତ ହେଲେ ଓ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ବିବାହ କଲେ। ଯଦି ସେ ଜନ୍ମରୁ ଗୋପାଳ ଥିଲେ ସେ ଏ କ୍ଷତ୍ରୀୟ କନ୍ୟାଙ୍କୁ କିପରି ବିବାହ କଲେ ?'

ମୋ ତର୍କକୁ ଅଗ୍ରସର କରି ସୁହାସିନୀ ବଖାଣିଲା, "ହେ ଗୁରୁଦ୍ୱୟ ଶ୍ରୀକୃଷ୍ଣ ମଧ୍ୟ ଜାମ୍ବବତୀ ବୋଲି ଏକ କନ୍ୟାଙ୍କୁ ବିବାହ କରିଥିଲେ। ଜାମ୍ବବତୀଥିଲେ ରାମାୟଣ ବର୍ଣ୍ଣିତ ଭଲ୍ଲୁକ (ଭାଲୁ) ଶ୍ରେଷ୍ଠ ଜାମ୍ବବାନଙ୍କର ପୁତ୍ରୀ, ତେଣୁ ସେ ଭଲ୍ଲୁକ ଜାତି ବା ଗୋତ୍ରର ଥିଲେ ଓ କଦାପି କ୍ଷତ୍ରୀୟ ନ ଥିଲେ। ସେମାନେ ବନବାସୀ ଥିଲେ। ତେଣୁ ଏ କ୍ଷେତ୍ରରେ ତ ସ୍ୱଜାତି ମଧ୍ୟରେ ବିବାହ ପ୍ରଥା ନଥିଲା।"

ସଖୀ କହିଲାପରେ ନିମ୍ନମତେ ମୁଁ ମୋର ବକ୍ତବ୍ୟ ଦେଲି, ''ହେ, ଗୁରୁଜନ ଦ୍ୱୟ, ମୁଁ ଆଉ ଜଣେ ରାଜାଙ୍କ ବିଷୟରେ କହୁଅଛି। ସେ ହେଲେ ଚନ୍ଦ୍ରବଂଶୀ ମହାପ୍ରତାପୀ ମହାରାଜା ବିଶ୍ୱାମିତ୍ର। ଏକଦା ସେ ନିଜର ବିଶାଳ ସୈନ୍ୟ ସାମନ୍ତ ଆଦିଙ୍କୁ ନେଇ ଯାଉଥିବାର ସମୟରେ ପଥ ଦେଶରେ ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ଉପନୀତ ହେଲେ। ମହର୍ଷିଙ୍କ ଦର୍ଶନ ଲାଭ ପରେ ମହର୍ଷିଙ୍କ ଅନୁରୋଧ କ୍ରମେ ସେଠାରେ ସମସ୍ତଙ୍କ ସହ ଭୋଜନ କଲେ। ଏପରି ସୁସ୍ୱାଦକର ଭୋଜନ ଏତେ ଲୋକଙ୍କପାଇଁ ଅତି ଶୀଘ୍ର ପ୍ରସ୍ତୁତ ହୋଇଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। କାରଣ ପଚାରି ଜାଣିଲେ ଯେ, ମୁନିଙ୍କ ଆଶ୍ରମରେ ରହୁଥିବା ଦିବ୍ୟ ଗୋମାତା କାମଧେନୁଙ୍କ ଅନୁକମ୍ପା ବଳରେ ଏହା ସମ୍ଭବ ହେଉଅଛି। ତେଣୁ ସେ ଲୋଭର ବଶବର୍ତ୍ତୀ ହୋଇ ଗୋମାତାଙ୍କୁ ପ୍ରାପ୍ତ ହେବାକୁ ମୁନିଙ୍କୁ ଯାଚନା କଲେ। ଏହା ଅନୁଚିତ ହେତୁ ମହର୍ଷି ନାସ୍ତିବାଣୀ ଶୁଣାଇଥିବା ସ୍ୱାଭାବିକ। ତେଣୁ ମହାରାଜ ନିଜ ବଳ ପ୍ରୟୋଗ କରି ମାତା କାମଧେନୁ ନେଇଯିବାର ପ୍ରୟାସ କଲେ। କିନ୍ତୁ ମହର୍ଷିଙ୍କ ମନ୍ତ୍ରଶକ୍ତି ବଳରେ ବିଶ୍ୱାମିତ୍ରଙ୍କ ପରାଜୟ ଘଟିଲା। ତେଣୁ ବିଶ୍ୱାମିତ୍ର ରାଜପଦ ତ୍ୟାଗ କରି କଠୋର ତପସ୍ୟା କରି ଶକ୍ତି ଅର୍ଜନ କରିଚାଲିଲେ ଓ ସର୍ବ ଶେଷରେ ଶାସ୍ତ୍ର ବର୍ଣ୍ଣିତ ୭ଜଣ ବ୍ରହ୍ମର୍ଷିଙ୍କ ମଧ୍ୟରେ ସେ ଜଣେ ହୋଇପାରିଲେ। ବ୍ରହ୍ମର୍ଷି ପଦ ହେଉଛି ଅଗଣିତ ବ୍ରାହ୍ମଣ, ମୁନି ଆଦିଙ୍କଠାରୁ ବହୁତ ଉଚ୍ଚରେ। ଅତଃ ଏହା ସ୍ପଷ୍ଟ କରିଦେଉଛି ଯେ କେହି ଏହାର ଉପଲବ୍ଧି କରିପାରୁଥିଲା।"

ଏହାପରେ ସଖୀ ସୁହାସିନୀ ତର୍କକ୍ଷେତ୍ରରେ ଆସି ନିଜର ବକ୍ତବ୍ୟ ଦେଲା ନିମ୍ନ ପ୍ରକାରରେ "ହେ, ପଣ୍ଡିତ ପ୍ରବର ମୁଁ କହୁଅଛି ସେହି ମୁନି ବିଶ୍ୱାମିତ୍ରଙ୍କ ବିଷୟରେ ଆଉ ଏକ କଥା, ଯାହା ହେଉଛି ମହାଭାରତ ଓ ମହାକବି କାଳିଦାସଙ୍କ ଶ୍ରେଷ୍ଠ କାବ୍ୟ 'ଅଭିଜ୍ଞାନମ୍ ଶାକୁନ୍ତଳମ୍'ର ଆଧାରରେ। ଏକବାର ବିଶ୍ୱାମିତ୍ରଙ୍କୁ କଠୋର ତପସ୍ୟାରତ ଦେଖି ଚିରାଚରିତ ଭାବେ ସ୍ୱର୍ଗର ରାଜା ଇନ୍ଦ୍ରଦେବ ଭୟଭୀତ ହୋଇ ତାଙ୍କର ଅପସରା ମେନକାଙ୍କୁ ମୁନିଙ୍କ ତପ ଭଗ୍ନପାଇଁ ପ୍ରେରଣ କଲେ। ନିଜର ସୌନ୍ଦର୍ଯ୍ୟ ବଳରେ ମେନକା ମୁନିଙ୍କୁ ଅକର୍ଷିତ କରି ତାଙ୍କ ସହ ଶାରୀରିକ ସମ୍ବନ୍ଧ ରକ୍ଷାକରିବା ଫଳରେ ଏକ ଅତି ସୁଂଦରୀ କନ୍ୟାକୁ ଜନ୍ମ ଦେଇ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ। ବିଶ୍ୱାମିତ୍ର ମଧ୍ୟ ସନ୍ୟାସୀ ହେତୁ ଶିଶୁ କନ୍ୟା ଦାୟିତ୍ୱ ନେବାକୁ ଅକ୍ଷମ ମନେକରି ତାକୁ ନଦୀ ନିକଟରେ ପରିତ୍ୟାଗ କରି ଚାଲିଗଲେ। ନିକଟରେ କଣ୍ୱ ମୁନିଙ୍କ ଆଶ୍ରମ ଥିବାରୁ ମୁନି ସେ ଶିଶୁକନ୍ୟାକୁ ନେଇ ନିଜ ପାଳିତା କନ୍ୟାଭାବେ ନିଜ ଆଶ୍ରମରେ ରଖିଲେ।"

ଏହାପରେ ସଖୀଠାରୁ କଥାକୁ ଆଗେଇ ନେଇ ମୁଁ କହିଲି, "ସେହି ଶିଶୁକନ୍ୟାର ନାମ ମୁନି କଣ୍ୱ ରଖିଲେ 'ଶକୁନ୍ତଳା'। ଶକୁନ୍ତଳା ଯୌବନ ପ୍ରାପ୍ତି ପରେ ଏକ ଦିନ ନିଜ ଦୁଇ ସଖୀଙ୍କସହ ଆଶ୍ରମ ଉଦ୍ୟାନରେ ବୃକ୍ଷମାନଙ୍କୁ ଜଳପ୍ରଦାନ କରୁଥିଲେ। ସେ ସମୟରେ ମହାରାଜା ଦୁଷ୍ୟନ୍ତ ମୃଗୟା ବିହାରରେ ଆସି ଆଶ୍ରମ ମଧ୍ୟରେ ପ୍ରବେଶ କରି ଶକୁନ୍ତଳାଙ୍କ ଅପରୂପ ସୌନ୍ଦର୍ଯ୍ୟ ଅବଲୋକନ କଲେ ଓ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ଶକୁନ୍ତଳାଙ୍କ ପାଖକୁ ଯାଇ ରାଜା ନିଜର ଇଚ୍ଛା ପ୍ରକଟ କରି ତାଙ୍କୁ ଗାନ୍ଧର୍ବ ରୀତିରେ ବିବାହ କଲେ ଓ ନିଜ ହସ୍ତମୁଦି ତାଙ୍କୁ ପ୍ରଦାନ ପୂର୍ବକ ଶୀଘ୍ର ରଥ ପ୍ରେରଣ କରି ସସମ୍ମାନ ନିଜ ରାଜଭବନକୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ଏହା ପରେ ପରେ ଏକ ଅଘଟଣ ଘଟିଗଲା। ଏକଦିନ ଦୁର୍ବାସା ଋଷି ଆଶ୍ରମକୁ ଆସି ଡାକିଲେ ମଧ୍ୟ ନିକଟରେ ଥିବା ପତିଙ୍କ ଚିନ୍ତାରେ ଅନ୍ୟମନସ୍କା ଶକୁନ୍ତଳା ଦୁର୍ବାସାଙ୍କ ଡାକ ଶୁଣି ପାରିଲେ ନାହିଁ। ତେଣୁ ଦୁର୍ବାସା କୋପିତ ହୋଇ ଅଭିଶାପ ଦେଲେ ଯେ ଯାହା ଚିନ୍ତାରେ ନିମଗ୍ନ ରହି ଶକୁନ୍ତଳା ତାଙ୍କୁ ଶୁଣିପାରିଲେ ନାହିଁ, ସେହି ବ୍ୟକ୍ତି ଶକୁନ୍ତଳାଙ୍କୁ ମଧ୍ୟ ଚିହ୍ନିପାରିବ ନାହିଁ। ପରେ ସଖୀମାନେ ଶକୁନ୍ତଳାଙ୍କ ସହ କ୍ଷମାପ୍ରାର୍ଥିନୀ ହେବାରୁ ମୁନି ଅଭିଶାପକୁ କିଛି କୋହଳ କରି କହିଲେ ଯେ ସେ ବ୍ୟକ୍ତି ଯଦି ତାଙ୍କର ଦେଇଥିବା କିଛି ସନ୍ତକ ଦେଖିବେ, ତେବେ ସେ ଶକୁନ୍ତଳାଙ୍କୁ ଚିହ୍ନି ପାରିବେ। ଏ ସବୁ ଘଟିତ ହୋଇଗଲା କଣ୍ୱ ମୁନି ଆଶ୍ରମରେ ନଥିବା ସମୟରେ।

ପରେ କଣ୍ୱମୁନି ଆସି ଦେଖିଲେ ଯେ ଶକୁନ୍ତଳା ଗର୍ଭବତୀ ହୋଇଛନ୍ତି। ତେଣୁ ସେ ଶକୁନ୍ତଳାଙ୍କୁ ରାଜା ଦୁଷ୍ୟନ୍ତଙ୍କ ନିକଟକୁ ପ୍ରେରଣ କଲେ। ଯିବା ସମୟରେ ନଦୀରେ ସ୍ନାନ କରୁଥିବା ବେଳେ ଶକୁନ୍ତଳା ମୁଦିଟିକୁ ହଜାଇ ଦେଲେ। ତେଣୁ ରାଜା ଦୁଷ୍ୟନ୍ତ ତାଙ୍କୁ ଗ୍ରହଣ କରିଲେ ନାହିଁ। ଫଳତଃ ଶକୁନ୍ତଳାଙ୍କ ମାତା ଅପସରୀ ମେନକା ତାଙ୍କୁ ନେଇ ତାଙ୍କୁ ତଥା ତାଙ୍କଠାରୁ ପରେ ଜନ୍ମିତ ପୁତ୍ରର ପ୍ରତିପାଳନ ଦାୟିତ୍ୱ ନେଲେ। କିନ୍ତୁ ପରବର୍ତ୍ତୀ କାଳରେ ସେହି ମୁଦ୍ରିକାଟି ମାଛ ପେଟରୁ ମିଳିବାଦ୍ୱାରା ରାଜାଙ୍କ ସବୁକଥା ସ୍ମରଣ ହେଲା ଓ ଅନୁତପ୍ତ ଦୁଷ୍ୟନ୍ତ ଶକୁନ୍ତଳାଙ୍କ ଅନୁସଂଧାନରେ ରହିଲେ। ଶେଷରେ ଆକସ୍ମିକ ଭାବେ ସେ ଶକୁନ୍ତଳା ଓ ତାଙ୍କ ପୁତ୍ରଙ୍କୁ ପାଇଲେ ଓ ସସମ୍ମାନେ ଉଭୟଙ୍କୁ ନିଜ ରାଜପ୍ରାସାଦଙ୍କୁ ଆଣିଲେ। ଦୁଷ୍ୟନ୍ତଙ୍କ ସେହି ପୁତ୍ରର ନାମ ହେଲା ଭରତ ଓ ସେ ପରେ ଭାରତ ବର୍ଷର ଚକ୍ରବର୍ତ୍ତୀ ସମ୍ରାଟ ହେଲେ। ତାଙ୍କ ନାମ ଅନୁସାରେ ଏହି ଦେଶର ନାମ ଭାରତ ବର୍ଷ ହେଲା ଓ ଏହିଠାରୁ ଭରତ ବଂଶର ସ୍ଥାପନା ହେଲା। ଯେହେତୁ ଜନ୍ମଭିତ୍ତିକ ଜାତି ପ୍ରଥା ପ୍ରଚଳିତ ନ ଥିଲା, ଏହି ସମସ୍ତ ବିବାହ ବୈଧ ଥିଲା ଯାହା କି ଆମ୍ଭର ମତାମତର ସମର୍ଥନ କରୁଅଛି।"

ଏହାପରେ ତର୍କାଙ୍ଗନରେ ଅବତୀର୍ଣ୍ଣ ହୋଇ ସୁହାସୀ ଆରମ୍ଭ କଲା, "ହେ, ମହାଭାଗ, ବର୍ତ୍ତମାନ ସେହି ଭରତ ବଂଶର ଆଉ କିଛି ଘଟଣା ଆମ୍ଭ ମତାମତ ସପକ୍ଷରେ କହୁଅଛି। ଅନେକ ପୁରୁଷ ପରେ ସେହି ବଂଶରେ ଶାସନ କଲେ ମହାରାଜ ଶାନ୍ତନୁ। ସେ ଦେବୀ ଗଂଗାଙ୍କ ପ୍ରତି ଆକର୍ଷିତ ହୋଇ ତାଙ୍କୁ ବିବାହ କରିବାର ପ୍ରସ୍ତାବ ଦେଲେ। ଦେବୀ ଗଙ୍ଗା ଏଥିପାଇଁ ସର୍ତ୍ତ ରଖିଲେ ଯେ ବିବାହ ପରେ ସେ ଯାହା କରିବେ ସେ ବିଷୟରେ ଶାନ୍ତନୁ ଯେଉଁ ଦିନ ପ୍ରଶ୍ନ କରିବେ ସେହିଦିନ ସେ ତାଙ୍କୁ ପରିତ୍ୟାଗ କରି ଚାଲିଯିବେ। ମହାରାଜା ସମ୍ମତ ହେବାରୁ ବିବାହ ହେଲା। କିନ୍ତୁ ଯେତେ ସବୁ ପୁତ୍ର ଜାତ ହେଲେ ଗଂଗା ସେମାନଙ୍କୁ ଗଂଗା ନଦୀରେ ଭସାଇ ଦେଉଥିଲେ ଓ ଏହି କ୍ରୁର ଓ କଠୋର କାର୍ଯ୍ୟ ଯୋଗୁଁ ମହାରାଜାଙ୍କୁ ବିଶେଷ କଷ୍ଟ ହେଲେ ମଧ୍ୟ ସାତଥର ପ୍ରଶ୍ନ କରି ନ ଥିଲେ। କିନ୍ତୁ ଅଷ୍ଟମ ଥର ବିରକ୍ତ ହୋଇ ପ୍ରଶ୍ନ ପଚାରିବାରୁ ସର୍ତ୍ତଭଂଗ ହୋଇଥିଲା ଓ କ୍ଷମାମାଗି ମାତା ଗଂଗା ଜନ୍ମିତ ପୁତ୍ରକୁ ନେଇ ଚାଲିଯାଇଥିଲେ। ପରେ ପୁତ୍ରକୁ ସମସ୍ତ ଶିକ୍ଷା ଦେଇଥିଲେ ଓ ସେ ପ୍ରାପ୍ତବୟସ୍କ ହେବାରୁ ଶାନ୍ତନୁଙ୍କ ପାଖରେ ଆଣି ଛାଡି ଦେଇଥିଲେ। ସେ ପୁତ୍ରଙ୍କର ନାମ ଥିଲା ଦେବବ୍ରତ।"

ତତ୍‌ପରେ ମୁଁ ସୁହାସିନୀଠାରୁ କଥାକୁ ଆଣି କହିଚାଲିଲି, "ହେ ଆମ ସମ୍ମାନନୀୟ ଗୁରୁଜନ, ସେହି ମହାବୀର ଦେବବ୍ରତ ଅତିଶୟ ପିତୃଭକ୍ତ ଥିଲେ ଓ ଏପରି ବଳଶାଳୀ ଗୁଣୀ ପୁତ୍ର ପାଇ ମହାରାଜ ଶାନ୍ତନୁ ଆନନ୍ଦରେ ରହୁଥିଲେ। କିନ୍ତୁ ଏ ଆନନ୍ଦ ବିଶାଦରେ ପରିବର୍ତ୍ତିତ ହୋଇଗଲା ଯେତେବେଳେ ସେ ସତ୍ୟବତୀ ନାମକ ଅତି ସୁନ୍ଦରୀ ଏକ ଧୀବର ବା କୈବର୍ତ୍ତ (କେଉଟ) କନ୍ୟାକୁ ନୌକା ଚଳାଇ ଯାତ୍ରୀମାନଙ୍କୁ ଗଂଗା ନଦୀ ପାର କରାଉଥିବା ସମୟରେ ଦେଖିଲେ। ମହାରାଜ ସତ୍ୟବତୀଙ୍କ ପିତା ଧୀବରରାଜଙ୍କୁ ସାକ୍ଷାତ କରି ତାଙ୍କ କନ୍ୟାକୁ ବିବାହ କରିବାପାଇଁ ଯାଚନା କଲେ। କିନ୍ତୁ ଧୀବରରାଜଙ୍କ କଠୋର ସର୍ତ୍ତ ଶାନ୍ତନୁଙ୍କପାଇଁ ଗ୍ରହଣୀୟ ନ ଥିଲା। ଏହା ଥିଲା ଶାନ୍ତନୁଙ୍କ ଦୁଃଖର କାରଣ। ପୁତ୍ର ଦେବବ୍ରତ ପିତାଙ୍କର ଦୁଃଖ ଜାଣିପାରି ଧୀବର ରାଜାଙ୍କୁ ସାକ୍ଷାତ କଲେ ଓ ତାଙ୍କର ସମସ୍ତ କଠୋର ସର୍ତ୍ତମାନିଗଲେ। ସେ ଭୀଷଣ ବା ଭୀଷ୍ମ ପ୍ରତିଜ୍ଞା କରି ବଚନ ଦେଲେ ଯେ ଏହି ବିବାହ ହେଲେ ସେ ନିଜେ ସାରା ଜୀବନ ଅବିବାହିତ ରହିବେ ଓ ମାତା ସତ୍ୟବତୀଙ୍କ ପୁତ୍ର, ପୌତ୍ର (ନାତି) ଆଦିଙ୍କୁ ରାଜା ସିଂହାସନ ସମର୍ପି ଦେଇ ସେମାନଙ୍କ ସୁରକ୍ଷା ସାରା ଜୀବନ କରିବେ। ଏହି ଭୀଷ୍ମ ପ୍ରତିଜ୍ଞାଯୋଗୁଁ ସେ ଭୀଷ୍ମ ନାମ ଧାରଣ କଲେ ଓ ମହାଭାରତ ଗ୍ରଂଥର ସେ ଜଣେ ମୁଖ୍ୟ ଓ ସମ୍ମାନିତ ଚରିତ୍ର ଭାବେ ଖ୍ୟାତି ଲାଭ କଲେ। ମହାରାଜ ଶାନ୍ତନୁ ସତ୍ୟବତୀଙ୍କୁ ବିବାହ କଲେ ଏବଂ ସେମାନଙ୍କ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇ ପୁତ୍ର ଜନ୍ମଲାଭ କଲେ। ଜାତି ପ୍ରଥା କଠୋର ନ ଥିବାରୁ ସେମାନେ କ୍ଷତ୍ରୀୟ ଭାବେ ପରିଗଣିତ ହେଲେ।"

ଏହାପରେ ମୋର ବକ୍ତବ୍ୟରେ ଯୋଗ କରି ସୁହାସୀ କହିଲା, "ଶାନ୍ତନୁଙ୍କ ମୃତ୍ୟୁପରେ ଚିତ୍ରାଙ୍ଗଦ ରାଜା ହେଲେ। କିନ୍ତୁ ଏକ ଯୁଦ୍ଧରେ ତାଙ୍କର ସ୍ୱର୍ଗବାସ ହୋଇଯିବାରୁ, କନିଷ୍ଠ ଭ୍ରାତା ବିଚିତ୍ରବୀର୍ଯ୍ୟ ତାଙ୍କର ଉତ୍ତର ଦୟିତ୍ୱ ନେଲେ। ଏହି ସମୟରେ କାଶୀ ନରେଶ ତାଙ୍କ ତିନି କନ୍ୟାଙ୍କ ସ୍ୱୟମ୍ବର କରୁଥିଲେ ମଧ୍ୟ ବିଚିତ୍ରବୀର୍ଯ୍ୟଙ୍କୁ ସେ ନିମନ୍ତ୍ରଣ ପ୍ରେରଣ କରି ନ ଥିଲେ। ଏଥିରେ କ୍ରୋଧିତ ହୋଇ ମହାବୀର ଭୀଷ୍ମ ସ୍ୱୟମ୍ବର ସଭାରେ ଉପନୀତ ହୋଇ ବଳପୂର୍ବକ ସେହି ତିନି କନ୍ୟାଙ୍କୁ ନେଇ ଆସିଲେ। ଭୀଷ୍ମଙ୍କୁ ଅବରୋଧ କରିବାକୁ ଉପସ୍ଥିତ କୌଣସି ରାଜା ସାହସ କରିନଥିଲେ। ଏହି ତିନି କନ୍ୟାଙ୍କୁ ବିଚିତ୍ରବୀର୍ଯ୍ୟଙ୍କ ସହ ବିବାହ କରାଯିବା ସମୟରେ ଜ୍ୟେଷ୍ଠାକନ୍ୟା ଅମ୍ବା ଆଉ କେଉଁ ରାଜାକୁମାରଙ୍କୁ ପ୍ରେମ କରୁଛନ୍ତି ବୋଲି କହିବାରୁ ଭୀଷ୍ମ ତାଙ୍କୁ ସସମ୍ମାନେ ସେହି ରାଜକୁମାରଙ୍କ ନିକଟକୁ ପ୍ରେରଣ କଲେ। ତାପରେ ଅମ୍ବାଙ୍କର କ'ଣ ହେଲା ତାହା ଏଠାରେ ଅନାବଶ୍ୟକ ହେତୁ ମୁଁ କିଛି କହୁନାହିଁ। ଅନ୍ୟ ଦୁଇ ରାଜକୁମାରୀ ଅମ୍ବିକା ଓ ଅମ୍ବାଳିକାଙ୍କ ବିବାହ ମହାରାଜ ବିଚିତ୍ରବୀର୍ଯ୍ୟଙ୍କ ସହ ସମାହିତ ହେଲା। କିନ୍ତୁ କିଛି ସମୟପରେ ବ୍ୟାଧିଗ୍ରସ୍ତ ହୋଇ ବିଚିତ୍ରବୀର୍ଯ୍ୟ ମୃତ୍ୟୁବରଣ କଲେ। ରାଣୀମାନେ ଅପୁତ୍ରିକ ଥାଇ ବିଧବା ହେବାରୁ ବଂଶରକ୍ଷା କରିବା ସମସ୍ୟା ଉପନୀତ ହେଲା।"

ତା'ପରେ ମୁଁ କଥାକୁ ଅଗ୍ରସର କଲି। କହିଲି, "ଏ ସମସ୍ୟାର ସମାଧାନ ପାଇଁ ସେ ସମୟରେ ପ୍ରଚଳିତ ନିୟୋଗ ପ୍ରଥାର ଆଶ୍ରୟ ନେବାପାଇଁ ରାଜମାତା ସତାବତୀ ନିଷ୍ପତ୍ତି ନେଲେ। ଏହି ପ୍ରଥାଟି ହେଲା ବଂଶରକ୍ଷାପାଇଁ ଅପୁତ୍ରିକ ବିଧବା ନାରୀ ଏକ ଉତ୍ତମ ପୁରୁଷ ସହିତ ଶାରୀରିକ ସମ୍ବନ୍ଧ ରଖି ପୁତ୍ର ଜନ୍ମ କରିବା। ଏଥିପାଇଁ ସତ୍ୟବତୀ ତାଙ୍କର ବିବାହ ପୂର୍ବରୁ ଜଣେ ମୁନିଙ୍କ ଔରସରୁ ଜାତ ହୋଇଥିବା ପୁତ୍ରକୁ ଚୟନ କଲେ, ଯେ କି ମଧ୍ୟ ଜଣେ ମହାମୁନି ଥିଲେ। ଏହି ଦୁଇ ମୁନିଙ୍କ ବିଷୟରେ ଆମ୍ଭେ ପରେ କହିବୁ। ଅତଃ ସତ୍ୟବତୀଙ୍କ ସେହି ପୁତ୍ର ଆସି ନିୟୋଗ କଲେ ଓ ରାଣୀ ଅମ୍ବାଙ୍କ ଔରସରୁ ଏକ ଜନ୍ମରୁ ଅନ୍ଧ ପୁତ୍ର ଜାତି କରାଇଲେ। ସେହିପରି ରାଣୀ ଅମ୍ବିକା ଏକ ସୁସ୍ଥପୁତ୍ର ଜନ୍ମ ଦେଲେ। ଏହି ଦୁଇ ପୁତ୍ରଙ୍କ ନାମ ଦିଆଗଲା ଯଥାକ୍ରମେ ଧୃତରାଷ୍ଟ୍ର ଓ ପଣ୍ଡୁ। ଏମାନେ ପ୍ରାପ୍ତବୟସ୍କ ହେଲା ପର୍ଯ୍ୟନ୍ତ ଭୀଷ୍ମ ସିଂହାସନରେ ନ ବସି ରାଜକାର୍ଯ୍ୟ ସୁଚାରୁରୂପେ ଚଳାଉଥିଲେ।"

ମୋ ପରେ ସଖୀ ସୁହାସିନୀ ଯୋଗ ଦେଇକରି କହିଲା "ଉଭୟ ପୁତ୍ର ଯୁବକ ହେବା ପରେ ଧୃତରାଷ୍ଟ୍ର ଅନ୍ଧ ଥିବାରୁ କନିଷ୍ଠ ଭ୍ରାତା ପଣ୍ଡୁ ରାଜପଦାସୀନ ହେଲେ। କିନ୍ତୁ ସେ ମୃଗୟା ସମୟରେ ରତିକର୍ମରତ ଜଣେ ଋଷି ଓ ତାଙ୍କ ପତ୍ନୀଙ୍କ ଶବ୍ଦ ଶୁଣି ତାହା ଜଳପାନ କରୁଥିବା ମୃଗ ମନେକରି ଶରଭେଦୀ ବାଣ ପ୍ରୟୋଗ କଲେ। ସ୍ଥାନକୁ ଯାଇ ପଣ୍ଡୁ ନିଜର ଅପରାଧ ସ୍ୱୀକାର କଲେ ମଧ୍ୟ କ୍ଷୁବ୍ଧ ଋଷି ଅଭିଶାପ ଦେଲେ ଯେ ସେ ଯଦି କୌଣସି ନାରୀ ସହ ରତିକ୍ରିୟା କରନ୍ତି, ତାଙ୍କର ମୃତ୍ୟୁ ହେବ। ଅତଃ ପଣ୍ଡୁ ଅଭିଶାପିତ ଥିବାରୁ ରାଜପଦ ଜ୍ୟେଷ୍ଠଭ୍ରାତାଙ୍କ ସମର୍ପି ନିଜ ଦୁଇ ରାଣୀଙ୍କ ସହ ବନ ମଧ୍ୟରେ ବାସ କଲେ। ଏଠାରେ କହି ଦେଉଛି ଯେ ତାଙ୍କ ପଥମ ପତ୍ନୀ କୁନ୍ତୀ, କୁନ୍ତଭୋଜ ରାଜାଙ୍କ ପାଳିତ କନ୍ୟା। ବାସ୍ତବରେ ସେ ଯାଦବ ବଂଶୀୟ ବସୁଦେବଙ୍କ ଭଗିନୀ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପିଉସୀନାନୀ ଅଟନ୍ତି। ତେଣୁ ପୂର୍ବରେ ସୂଚିତ କରିଥିବା ଅନୁଯାୟୀ ସେ ଜାତିରେ ଗୋପାଳ ବା ଯାଦବ ଥିଲେ ମଧ୍ୟ ନିଜ ବଂଶର କର୍ମ ଅନୁଯାୟୀ କ୍ଷତ୍ରୀୟ ବୋଲାଉଥିଲେ। ପଣ୍ଡୁଙ୍କ ଦ୍ୱିତୀୟ ପତ୍ନୀ ମାଦ୍ରୀଥିଲେ ମଦ୍ର ଦେଶର ରାଜକନ୍ୟା। ଅଭିଶାପ କାରଣରୁ ତଥା ରାଣୀମାନେ ସନ୍ତାନହୀନ ଥିବାରୁ ବଂଶରକ୍ଷାର ଚିନ୍ତା ଆସିଲା। ତା'ର ସମାଧାନ କଲେ ପାଟରାଣୀ କୁନ୍ତୀ। ସେ ବିବାହ ପୂର୍ବରୁ ନିଜ ପିତୃଗୃହରେ ଦୁର୍ବାସା ମୁନିକ ଆତିଥ୍ୟ ଦାୟିତ୍ୱ ସୁଚାରୁ ରୂପେ କରିଥିବାରୁ ମୁନିଙ୍କ ଆନଂଦିତ ହୋଇ ଏକ ଦିବ୍ୟମାଳା ଦେଇ କହିଥିଲେ ଯେ ତାହା ଭବିଷ୍ୟତରେ କୁନ୍ତୀଙ୍କ କାର୍ଯ୍ୟରେ ଆସିବ। ସେ ମାଳାକୁ ହାତରେ ଧରି କେହି ଦେବପୁରୁଷଙ୍କୁ ଆହ୍ୱାନ କଲେ ସେ ଆସି ତାଙ୍କ ସହ ସଂପର୍କ ରଖି ପୁତ୍ରଦାନ କରିବେ, ତେଣୁ ନିଜ ପତିଙ୍କ ଅନୁମତି କ୍ରମେ ସେ କିଛି ସମୟ ଅବଧିରେ ଯଥାକ୍ରମେ ଧର୍ମଦେବ, ପବନ ଦେବ ଓ ଇନ୍ଦ୍ରଦେବଙ୍କୁ ଆହ୍ୱାନ କରି ଯୁଧିଷ୍ଠିର, ଭୀମ ଓ ଅର୍ଜୁନ ନାମକ ପୁତ୍ରଙ୍କୁ ଯଥାକ୍ରମେ ପ୍ରାପ୍ତ ହେଲେ। ସେହିପରି ମାଦ୍ରୀ ଅଶ୍ୱିନୀକୁମାରଙ୍କୁ ଆହ୍ୱାନ କରି ନକୁଳ ନାମକ ପୁତ୍ର ପ୍ରାପ୍ତ ହେଲେ। ତା'ପରେ ଏକ ଅଘଟଣ ହେଲା। ଦିନେ ସ୍ନାନରତା ମାଦ୍ରୀଙ୍କୁ ଏକାକିନୀ ଦେଖି ପଣ୍ଡୁ ତାଙ୍କ ସହ କାମକ୍ରିୟାରେ ଲିପ୍ତ ହୋଇଗଲେ। ଫଳତଃ ତାଙ୍କର ମୃତ୍ୟୁ ହେଲା। ମାଦ୍ରୀଙ୍କଠାରୁ ସହଦେବ ନାମକ ପୁତ୍ର ଜାତ ହେଲା। ଏ ସମସ୍ତେ କ୍ଷତ୍ରୀୟ ବୋଲାଇଲେ। ଧୃତରାଷ୍ଟ୍ରଙ୍କ ଶତପୁତ୍ରଙ୍କ ସହ ଯୁଦ୍ଧ କରି ବିଜୟ ଲାଭିବାରୁ ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିର ସମ୍ରାଟ ହେଲେ।

ଏ ସବୁରୁ ଆମ୍ଭର ମତାମତ ଶାସ୍ତ୍ର ଅନୁମୋଦିତ ନିଶ୍ଚୟ ହେଉଅଛି, ଯାହା ଅଧିକ ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ।

ସଖୀପରେ ମୁଁ କହିଲି, "ଅତି ସଂକ୍ଷେପରେ ମୁଁ ଆଉ ଜଣେ ରାଜାଙ୍କ କଥା କହୁଛି। ସେ ହେଲେ ମହାଭାରତ ବର୍ଣ୍ଣିତ ମହାରାଜା ଯଯାତି। ସେ ଦିନେ କୂପରେ ନିପତିତା ଏକ ବ୍ରାହ୍ମଣ କନ୍ୟାକୁ ଉଦ୍ଧାର କରିଥିଲେ। କନ୍ୟାଥିଲେ ଅସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରୀ ଦେବଯାନୀ। ଦେବଯାନୀ ବ୍ରାହ୍ମଣ କନ୍ୟା ହେଲେ ମଧ୍ୟ କ୍ଷତ୍ରୀୟ ରାଜା ଯଯାତିଙ୍କୁ ବିବାହ କରିବାକୁ ଚାହିଁଲେ ଓ ଶୁକ୍ରାଚାର୍ଯ୍ୟ ଏଥିରେ ସମ୍ମତି ପ୍ରଦାନ କଲେ। ଏହା ମଧ୍ୟ ଆମ୍ଭ ତର୍କ ସପକ୍ଷରେ ଏକ ବଳିଷ୍ଠ ପ୍ରମାଣ।"

ଶେଷରେ ଆମ୍ଭେ ପ୍ରଶ୍ନ ଅପେକ୍ଷାରେ ହାତଯୋଡି ବସିବାରୁ, ପ୍ରସନ୍ନ ବଦନରେ ଗୁରୁମାନେ ଅଳ୍ପକିଛିଟା ପ୍ରଶ୍ନ ପଚାରି ଘୋଷଣା କଲେ, "ପୁତ୍ରୀମାନେ, ବହୁ ସମୟ ତୁମ୍ଭେ ତର୍କ କରିଥିବାରୁ କ୍ଳାନ୍ତ ଥିବ। ତେଣୁ କିଛି ସମୟ ବିରତି ନେଇ ପୁନଃ ଏଠାକୁ ଆସ।" (କ୍ରମଶଃ)

# ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର



ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଇତିହାସ ପଢ଼ିଲେ ଜାଣିହେଉଛି ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି । ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ଥାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଓ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି । ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍ସରେ ଭଲ୍‌ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ଥାନରେ ମୁଜିବୁର୍ ରହେମାନ୍ ପ୍ରମୁଖ ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ : ନେପାଳ ଓ ଫ୍ରାନ୍ସ । ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଓ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା । ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ । ପୁନଶ୍ଚ ୨୦୦୮ରୁ ୨୦୨୫ଯାଏ ୧୭ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ - ଦାୟିତ୍ୱରେ ରହିଲେଣି । ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ । ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମି□ କ୍ଷମତାର ଅପବ୍ୟବହାର କରିଛନ୍ତି । ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଘୋଟାଲାର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଆର୍ଥିକ ଘୋଟାଲା । ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମି□। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି । ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି । ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଓ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି । ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି । ସେମାନଙ୍କ ପିଲାମାନେ ଯେଉଁଭଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତାକୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସୋସିଆଲ୍ ମିଡ଼ିଆ ମାଧ୍ୟମରେ ସ୍ୱର ଉତ୍ତୋଳନ କଲେ । ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସୋସିଆଲ୍ ମିଡ଼ିଆକୁ ନିଷିଦ୍ଧ କଲେ । ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୋଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ । ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଓ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ ।

ତେଣେ ଫ୍ରାନ୍‌ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି । ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି । ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ । ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା । ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ - ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି । ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା । ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା । ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ । ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ । 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର ।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି । ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ । ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନ କରି ପ୍ରତ୍ୟକ୍ଷ ଭାବରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିନ୍‌ଝିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି । ଠିକ୍ ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲୋକ୍‌ଜାଣ୍ଡାର୍ ଶୋଲ୍‌ଝେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରାଚର ବିରୋଧରେ ବିପ୍ଳବ କରି ଓ୍ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲ୍‌ରୁ ନିର୍ବାସିତ ହୋଇଛନ୍ତି । ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି । ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି । ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନ-ଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିଚଳାଇ ହତ୍ୟା କରାଯାଇଛି । ଇଂଲଣ୍ଡ୍‌ରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ଥାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ଥାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି । ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ଥାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି ।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି । ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି । ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଓ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ । ଯାହା ଖୁବ୍ ନିକଟରେ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ । ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ । ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା । ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କଫି



ଲୋପାମୁଦ୍ରା ମୈକାପ୍



ଆଉ କପେ କଫି ଆଣିଦେବି ମ୍ୟାଡ଼ାମ୍ ?

ଶୁଣି ମୁହଁ ନ ଉଠେଇ ମୁଣ୍ଡ ହଲେଇଲା ସ୍ନିଗ୍ଧା। ଆଶିଷ କିଛି ନ କହି ଚୁପ୍‌ଚାପ୍ ଫେରିଗଲା। କିଛି ସମୟ ଉତ୍ତାରୁ ଆସି ଆଣିଥିବା କଫି କପ୍‌ଟି ଟେବୁଲ୍ ଉପରେ ଧୀରେ ରଖିଦେଇ ଶେଷ ହୋଇଯାଇଥିବା କପ୍‌ଟି ନେଇ ଚାଲିଗଲା।

କ୍ୟାଫେରେ ଆଉ କିଛି ଲୋକ ବି ଥିଲେ, ସ୍ତ୍ରୀ ପୁରୁଷ, ଛୋଟ ବଡ଼ ପିଲାଙ୍କ ସହ। ସେମାନଙ୍କ ସହ ବ୍ୟସ୍ତ ରହିଲା ଆଶିଷ। କିନ୍ତୁ ମଝିରେ ମଝିରେ ସ୍ନିଗ୍ଧା ଆଡ଼େ ଚାହୁଁଥାଏ ହୁଏତ ଆଉ କିଛି ଆବଶ୍ୟକ ହେବ ତା'ର।

କିନ୍ତୁ ସ୍ନିଗ୍ଧାର ଆଉ କିଛି ଆବଶ୍ୟକ ପଡ଼େନା, ସେଇ ଦୁଇ କପ୍ ବ୍ଲାକ୍ କଫି ବ୍ୟତୀତ। ଆଶିଷ ଜାଣେ, ତଥାପି ଅପେକ୍ଷାରେ ରହେ ସ୍ନିଗ୍ଧା ପେମେଣ୍ଟ କରି ଯିବା ପର୍ଯ୍ୟନ୍ତ। ସ୍ନିଗ୍ଧା ଭଲ ଲାଗେ ତାକୁ। ଗଲାବେଳେ ସବୁଦିନ ଯେଉଁ ହସ ଟିକକ ଛିଞ୍ଚି ଦେଇ ଯାଏ ଆଶିଷ ଆଡ଼କୁ ଚାହିଁ ଆଶିଷକୁ ଲାଗେ ଯେମିତି ସେତିକି ହୁଏତ ତା'ର ଲୋଡ଼ା ଏ ସମ୍ପୂର୍ଣ୍ଣ ପୃଥିବୀ ଠାରୁ। ତା' ମାସିକିଆ ଦରମାରୁ ବି ବେଶୀ ଗୁରୁତ୍ୱ ଏହାର ଏବଂ କେବଳ ଓ କେବଳ ଏଇ ଟିକକ ପାଇବା ପାଇଁ ହିଁ ସେ ଏହି କ୍ୟାଫେରେ ୱେଟର୍ ଭାବରେ କାମ କରୁଛି।

ସ୍ନିଗ୍ଧାକୁ କେନ୍ଦ୍ର କରି କେବଳ ଆଶିଷ ନୁହେଁ କ୍ୟାଫେର ସମସ୍ତ କର୍ମଚାରୀ ଏବଂ ମାଲିକ ତପନବାବୁ ମଧ୍ୟ କୌତୁହଳୀ ହୁଅନ୍ତି। ମାତ୍ର ପ୍ରଶ୍ନ କରିବାକୁ ସାହସ କରନ୍ତି ନାହିଁ। କିନ୍ତୁ ଭାବିବାକୁ ବାଧ୍ୟ ହୁଅନ୍ତି ଯେ କିଏ ଇଏ, କେଉଁଠି ଘର, ଏଠି କ'ଣ କରନ୍ତି, କାହିଁକି କରନ୍ତି ଇତ୍ୟାଦି ଇତ୍ୟାଦି।

ସ୍ନିଗ୍ଧା ଏହି କ୍ୟାଫେକୁ ପ୍ରତିଦିନ ଆସେ ଏକ ନିର୍ଦ୍ଦିଷ୍ଟ ସମୟରେ, ରବିବାର ଏବଂ ପର୍ବପର୍ବାଣୀ ଦିନ ଗୁଡ଼ିକ ବ୍ୟତୀତ। ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରହି ସେ ଫେରିଯାଏ। ଆସିଲା ବେଳେ ସେ ନେଇ ଆସିଥାଏ କିଛି ମୋଟା ବହି, ନୋଟ୍ ଖାତା ଏବଂ ପେନ୍। ଛୋଟ ଡିକ୍ସନାରୀଟିଏ ବି ସାଥିରେ ଥାଏ। ଏ ସବୁ ଆଣି ସେ ଧୀରେ ସଜାଡ଼ି ରଖିଦିଏ ଏକ ଛୋଟ ଦୁଇ ଜଣିଆ କଣିକିଆ ଟେବୁଲ ଉପରେ, ଆଲୋକବତୀ ତଳେ। ବସେ ଠିକ୍ ଦୁଇ ଘଣ୍ଟା। ଏହି ସମୟ ମଧ୍ୟରେ ସେ ଖୁବ୍ ମନ ଲଗାଇ କିଛି ପଢ଼େ ଏବଂ ଲେଖେ।

ତା'ର ଏକାଗ୍ରତା ଦେଖି କାହାରି ସାହସ ହୁଏ ନାହିଁ ତାକୁ କିଛି ପଚାରିବା ପାଇଁ। କେବେ କିଛି ଖାଏ ନାହିଁ, ସାଥିରେ କେହି କେବେ ଆସନ୍ତି ନାହିଁ, ନିହାତି ଆବଶ୍ୟକ ନହେଲେ ଟେବୁଲ ଉପରୁ ମୁହଁ ଉଠାଏ ନାହିଁ, କ୍ୟାଫେରେ କେବେ କେବେ କୋଳାହଳ ଥିଲେ ମଧ୍ୟ ତା'ର କିଛି ଯାଏ ଆସେ ନାହିଁ କିମ୍ବା ତା'ର ଧ୍ୟାନ ଭଙ୍ଗ ହୁଏ ନାହିଁ।

କିନ୍ତୁ ଏହାର ପ୍ରଭାବ ପଡ଼େ ଆଶିଷ ଉପରେ ଏବଂ ଅନ୍ୟ କର୍ମଚାରୀଙ୍କ ଉପରେ। ପ୍ରଥମେ ପ୍ରଥମେ ମାଲିକ ତପନବାବୁ ବିରକ୍ତ ହେଉଥିଲେ ମନେ ମନେ, କ'ଣ ଚାଲିଛି ଇଏ, ଏ ସ୍ତ୍ରୀ ଲୋକଟିର କ'ଣ ଘରଦ୍ୱାର ନାହିଁ, ଏ କ୍ୟାଫେକୁ ସେ କ'ଣ ପାଇଲା କି, ତା' ଘର ? କିନ୍ତୁ ଧୀରେ ଧୀରେ ସମସ୍ତେ ଅଭ୍ୟସ୍ତ ହୋଇଯାଇଥିଲେ ଦୁଇ କପ୍ କଫି ବିନିମୟରେ ଦୁଇ ଘଣ୍ଟା ସମୟ ସହ। ଏମିତି ପାଖାପାଖି ସାତ/ଆଠ ମାସ ଚାଲିଥିଲା। ଆଉ କେତେ ଦିନ କିମ୍ବା ମାସ ଚାଲିଥାନ୍ତା କେଜାଣି।

ସେଦିନ ସ୍ନିଗ୍ଧାର ଟେବୁଲ ଉପରେ ଦ୍ୱିତୀୟ କପ୍ କଫି ରଖି ଫେରିଲା ବେଳେ ଆଶିଷର ଦୃଷ୍ଟି ପଡ଼ିଲା କ୍ୟାଫେର କାଚ ପ୍ରବେଶ ଦ୍ୱାର ନିକଟରେ ଦୁଇ ଜଣ ସ୍ତ୍ରୀ ଲୋକ ଛିଡ଼ା ହୋଇ ସ୍ନିଗ୍ଧା ଆଡ଼କୁ ଚାହିଁଛନ୍ତି ଏବଂ ସ୍ନିଗ୍ଧାକୁ ଡ଼ାକି ଦେବାକୁ ଇଙ୍ଗିତ କରୁଛନ୍ତି।

ଆଶିଷ ସ୍ନିଗ୍ଧାକୁ ଜଣାଇଦେବା ପରେ ସେ ତରବର ହୋଇ ବହିପତ୍ର ଏକାଠି କରିନେଇ ବାହାରକୁ ଉଠି ଚାଲିଗଲା। ପ୍ରବେଶ ଦ୍ୱାର ବାହାରେ ଆଶିଷ ଅନୁମାନ କରିପାରୁଥିଲା ପରିସ୍ଥିତି ଠିକ୍ ନାହିଁ ଏବଂ କିଛି ବଚସା ଚାଲିଛି। ଘଟଣା କ'ଣ ଜାଣିବା ପାଇଁ ସେ ସାମାନ୍ୟ ନିକଟକୁ ଯିବାକୁ ଉଦ୍ୟତ ହେଉଥିବା ସମୟରେ ସେ ଦେଖିଲା ଅପେକ୍ଷାକୃତ ବୟସ୍କା ସ୍ତ୍ରୀ ଲୋକଟି ତାକୁ ଏକ ପ୍ରକାର ଘୋଷାଡ଼ି ନେବାକୁ ଚେଷ୍ଟା କରୁଛି। ଆଶିଷ ବୁଝିପାରିଲାନାହିଁ ତା'ର ଏହି ସମୟରେ କ'ଣ କରିବା ଉଚିତ୍।

ଏହି ଦୃଶ୍ୟ କ୍ୟାଫେରେ ଉପସ୍ଥିତ କିଛି ଲୋକ ଏବଂ କର୍ମଚାରୀ ମଧ୍ୟ ଦେଖିସାରିଥିଲେ। ଏହିପରି ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା ନକରି ସ୍ନିଗ୍ଧା ତୁରନ୍ତ ଆଉ ପଛକୁ ବୁଲି ନଚାହିଁ ସେହି ଦୁଇଜଣ ସ୍ତ୍ରୀ ଲୋକଙ୍କ ସହ ଚାଲିଯାଇଥିଲା। ପୁଣି କେବେ ଫେରିନଥିଲା ସେ କ୍ୟାଫେକୁ।

ତା'ପରେ କିଛି ମାସ ଧରି କାଫେର ସେହି କଣିକିଆ ଟେବୁଲଟି ଖାଲି ପଡୁଥିଲା। ସେଠାରେ ଅନ୍ୟ କେହି ବସିବାକୁ ପସନ୍ଦ କରୁନଥିଲେ ଯେହେତୁ ସେହି କୋଣକୁ ଏସି ପବନ ପର୍ଯ୍ୟାପ୍ତ ହେଉନଥିଲା। ଅନ୍ୟମାନଙ୍କ ଅପେକ୍ଷା ଆଶିଷ ଖୁବ୍ ଖୋଜୁଥିଲା ସ୍ନିଗ୍ଧାକୁ ମନେ ମନେ ଏବଂ ଚିନ୍ତିତ ଥିଲା କ'ଣ କାରଣ ଥାଇପାରେ ତା' ମ୍ୟାଡ଼ାମ୍‌ଙ୍କ ପ୍ରତି ସେ ଦୁଇ ସ୍ତ୍ରୀଲୋକଙ୍କର ଏପରି ବ୍ୟବହାରର। କିନ୍ତୁ ସେ ଥିଲା ନାଚାର।

କିଛି ମାସ ପରେ ହଠାତ୍ ଦିନେ ସକାଳର ନ୍ୟୁଜ୍ ପେପର୍ ଧରି ଡାକ ପକାଇଲେ ତପନବାବୁ। କର୍ମଚାରୀଗଣ ଆଶ୍ଚର୍ଯ୍ୟ ହେଲେ ମ୍ୟାଡ଼ାମ୍‌ଙ୍କ ଫଟୋ ନ୍ୟୁଜ୍ ପେପର୍‌ରେ ଦେଖି। ମ୍ୟାଡ଼ାମ୍‌ଙ୍କର ନାମ ସ୍ନିଗ୍ଧା ମହାପାତ୍ର ଏବଂ ସେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କ୍ୟାଫେ ସାରା ଖୁସିର ଲହରୀ ଖେଳିଗଲା। ତେବେ ଏହି କ୍ୟାଫେରେ ବସି ସେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ ବୋଲି ସ୍ପଷ୍ଟ ହୋଇଗଲା। ଏବେ ତାଙ୍କୁ କ୍ୟାଫେ ତରଫରୁ ନିହାତି ଫୁଲ ତୋଡ଼ାଟିଏ ଦେବା ଚାହି। ମାତ୍ର ବର୍ତ୍ତମାନ ସମସ୍ୟା ହେଲା ସ୍ନିଗ୍ଧା ମ୍ୟାଡ଼ାମ୍‌ଙ୍କୁ ଖୋଜିବା।

ବିଶେଷ ଅସୁବିଧା ହେଲାନାହିଁ ସ୍ନିଗ୍ଧାର ଫୋନ୍ ନମ୍ବର୍ ସଂଗ୍ରହ କରିବାରେ ଯେହେତୁ ବର୍ତ୍ତମାନ ସେ ରାଜ୍ୟର ଏକ ବଡ଼ ସମ୍ବାଦ ହୋଇସାରିଥିଲା।

ପ୍ରଥମେ ଆଶିଷ ହିଁ ଫୋନ୍ କଲା ସ୍ନିଗ୍ଧାକୁ।

'ମ୍ୟାଡ଼ାମ୍ ନମସ୍କାର। ମୁଁ ସିଟି କ୍ୟାଫେରୁ ଆଶିଷ କହୁଛି। ଚିହ୍ନି ପାରିଲେ ନା ?'

'ହଁ ହଁ ଚିହ୍ନିଲି। ସରି, ତୁମ କ୍ୟାଫେରେ ମୋର ଶେଷ ସନ୍ଧ୍ୟାର ପେମେଣ୍ଟ ବାକି ଅଛି। ବ୍ୟସ୍ତତା ଭିତରେ ଭୁଲି ଯାଇଛି।' ଭଦ୍ରତାର ସହ କହିଲା ସ୍ନିଗ୍ଧା।

'ନା ନା ମ୍ୟାଡ଼ାମ୍ ମୁଁ ପେମେଣ୍ଟ ପାଇଁ ଫୋନ୍ କରିନି। ଆପଣଙ୍କ ଫଟୋ ଓ ଖବର ନ୍ୟୁଜ୍ ପେପର୍‌ରେ ଦେଖିଲୁ ତ, ଶୁଭେଚ୍ଛା ଜଣେଇବା ପାଇଁ ଫୋନ୍ କରିଛୁ। ଏଇ ନିଅନ୍ତୁ ତପନବାବୁ କଥା ହେବେ।' ବୋଲି କହି ଫୋନ୍ ତାଙ୍କ ହାତକୁ ବଢ଼ାଇ ଦେଲା ଆଶିଷ।

'ମ୍ୟାଡ଼ାମ୍ ଆମ କ୍ୟାଫେ ତରଫରୁ ଆପଣଙ୍କୁ ଶୁଭେଚ୍ଛା ଜଣେଇବାକୁ ଚାହୁଁଛୁ। ଆଉ ଥରେ ଆମ କ୍ୟାଫେରେ ଆପଣଙ୍କ ପାଦ ପଡ଼ିଲେ ଆମେ ଖୁସି ହେବୁ।' ଭାରି ଉତ୍ସାହର ସହିତ କହିଲେ ତପନବାବୁ।

ସ୍ନିଗ୍ଧା କିଛି ଦିନ ଉତ୍ତାରୁ ଠିକ୍ ସେହି ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଲା କ୍ୟାଫେରେ। ତପନବାବୁ ଏବଂ ଅନ୍ୟମାନେ ତାକୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଲେ। ଆଶିଷ ସାହସ ସଞ୍ଚୟ କରି ପଚାରିଲା, 'ମ୍ୟାଡ଼ାମ୍ ସେଦିନ ସେହି ସ୍ତ୍ରୀଲୋକ ଦୁଇଜଣ କିଏ ଥିଲେ ?'

ସ୍ନିଗ୍ଧା ସାମାନ୍ୟ ହସି ଉତ୍ତର ଦେଲା, 'ଜଣେ ମୋ ଶାଶୂ ଏବଂ ଅନ୍ୟ ଜଣଙ୍କ ମୋ ନଣନ୍ଦ।' ଉପସ୍ଥିତ ସଭିଙ୍କର ଜିଜ୍ଞାସୁ ଦୃଷ୍ଟିକୁ ଗୁରୁତ୍ୱ ଦେଇ ସ୍ନିଗ୍ଧା ସମ୍ପୂର୍ଣ୍ଣ ଘଟଣା ବଖାଣିଲା।

'କମ୍ ବୟସରେ ବିବାହ ହୋଇଗଲା। ଭାରି ଇଚ୍ଛା ଥିଲା ପ୍ରଶାସନିକ ସେବା ପାଇଁ। କିନ୍ତୁ ମୋ ଆଗ୍ରହକୁ ମୋ ଶାଶୂଘର ଲୋକେ ଅଗ୍ରାହ୍ୟ କରିଦେଲେ। ସେମାନେ ଚାହୁଁନଥିଲେ ବୋହୂ ଅଧିକ ପାଠ ପଢ଼ି ଚାକିରି କରୁ ଏବଂ ଘରକୁ ଅବହେଳା କରୁ। ଏମିତିରେ ମୋର ଝିଅ ଜନ୍ମ ହୋଇ ସାତ ବର୍ଷର ହେଲା। ଅନେକ ବର୍ଷ ସନ୍ତାପିତ ହୋଇ ବିତାଇବା ପରେ ଉପାୟ ଖୋଜିଲି। ଝିଅକୁ ଟିଉସନ୍ ଆଣିବା ବାହାନାରେ ପ୍ରତି ସନ୍ଧ୍ୟାରେ ଏଇ କ୍ୟାଫେକୁ ଆସିଲି ପରୀକ୍ଷା ପ୍ରସ୍ତୁତି ପାଇଁ। ଦୁଇ ଘଣ୍ଟା ଆରାମରେ ମିଳିଯାଉଥିଲା। ମାତ୍ର ଶାଶୂଘରେ କୌଣସି ସୂତ୍ରରୁ ଖବର ପାଇଗଲେ।'

'ଆଉ ଏବେ ?' ଆଶିଷ ପଚାରିଲା ଉଦ୍‌ବିଗ୍ନ ହୋଇ।

'ଏବେ ଆଉ କ'ଣ ? ରେଜଲ୍ଟ ବାହାରିଲା ପରେ ସମସ୍ତେ ଖୁସି। ନ୍ୟୁଜ୍ ଚ୍ୟାନେଲ୍ ଅଧିକାରୀ ମାନଙ୍କ ଆଗରେ ସେମାନେ ତାଙ୍କ ବୋହୂକୁ ନେଇ ଗର୍ବିତ ବୋଲି କହୁଛନ୍ତି ତ।' ଏକଥା ଶୁଣି ଏବେ ସମସ୍ତେ ହସିଲେ।

ତିନି ବର୍ଷ ପରେ ସ୍ନିଗ୍ଧାର ବଦଳି ହେଲା ସେଇ ସହରକୁ। ସେହି ପୁରୁଣା କ୍ୟାଫେ ପ୍ରତି କୃତଜ୍ଞତା ଭାବ ନେଇ ଗଲା ଦିନେ ସନ୍ଧ୍ୟାରେ। ଆଶିଷ ଖୁସିରେ ଦୌଡ଼ି ଆସି ନମସ୍କାର ଜଣାଇଲା। ସେ ସମୟର ଅନ୍ୟ ପୁରୁଣା କର୍ମଚାରୀ ଏବଂ ତପନବାବୁ ଖୁବ୍ ଖୁସି ହୋଇ ତାକୁ ବସିବାକୁ କହିଲେ।

ସ୍ନିଗ୍ଧା ତା'ର ପୁରୁଣା ଟେବୁଲ ଉପରେ ଦୃଷ୍ଟି ପକାଇ ବିସ୍ମିତ ହେଲା। ଟେବୁଲ ଉପରେ କିଛି ବହି ଏବଂ ଖାତା ରଖାଯାଇଥିଲା। ସେ କାହାକୁ କିଛି ପଚାରିବା ପୂର୍ବରୁ ଆଶିଷ କହିପକାଇଲା, 'ମ୍ୟାଡ଼ାମ୍ ଘରର ପରିସ୍ଥିତି ଭଲନଥିବାରୁ ପାଠପଢ଼ା ଅଧାରୁ ଛାଡ଼ି ଏଠି କାମ କରୁଥିଲି। ଆପଣଙ୍କ ଠାରୁ ମନୋବଳ ପାଇ ସାହସ ସଞ୍ଚୟ କଲି। ଖାଲି ସମୟରେ ଏଇଠି ପଢ଼େ। ଗ୍ରାଜୁଏସନ୍ ସରିବ ଏ ବର୍ଷ।' ଟିକେ ବିରତି ନେଇ ମୁଣ୍ଡ ତଳକୁ ପୋତି ନମ୍ର ସ୍ୱରରେ କହିଲା, 'ଆପଣଙ୍କ ପରି ପ୍ରଶାସନିକ ସେବାରେ ଯୋଗ ଦେବାର ଇଚ୍ଛା ଅଛି ମ୍ୟାଡ଼ାମ୍।'

'ଭଗବାନ ଚାହିଁଲେ ତୁମ ଇଚ୍ଛା ନିଶ୍ଚୟ ପୂରଣ ହେବ' ବୋଲି କହିଲା ସ୍ନିଗ୍ଧା ଏବଂ ପଚାରିଲା, 'ମୁଁ କିଛି ସାହାଯ୍ୟ କରିପାରେ କି ?'

ଆଶିଷ ସ୍ମିତ ହସି ଉତ୍ତର ଦେଲା, 'ମନୋବଳ ଏବଂ ଇଚ୍ଛାଶକ୍ତି ତ ଆପଣ ଅଜାଣତରେ ଦେଇସାରିଛନ୍ତି। ଆପଣଙ୍କୁ 'ଅପା' ବୋଲି ଡ଼ାକିପାରେ କି ? କେବଳ ଆପଣଙ୍କର ଆଶୀର୍ବାଦ ମୋର ଦରକାର।' ସ୍ନିଗ୍ଧା ଆଶିଷ ମୁଣ୍ଡରେ ସ୍ନେହର ହାତ ଥୋଇଲା।

ତପନବାବୁ ଦୂରରୁ ଉଚ୍ଚ ସ୍ୱରରେ କହି କହି ଆସିଲେ, 'ଆଜି ଆପଣଙ୍କ ପାଇଁ ଆମ ତରଫରୁ ଦୁଇ କପ୍ କଫି ଫ୍ରି ମ୍ୟାଡ଼ାମ୍।'

'ନା ନା, ବରଂ ଆଜିର କଫି ମୋ ତରଫରୁ ଆପଣ ସମସ୍ତଙ୍କ ପାଇଁ।' ହସି ହସି କହିଲା ସ୍ନିଗ୍ଧା।

ମୃଦୁ ହାସ୍ୟ ଗୁଞ୍ଜରଣ କ୍ୟାଫେ ସାରା।

ତ୍ରିଶୁଳିଆ, କଟକ
ମୋ-୯୫୫୬୭୯୦୭୬୪୪

# ପୁସ୍ତକ ପରିକ୍ରମା



## କାବ୍ୟ କଲ୍ଲୋଳିନୀ:ପ୍ରେମର ଏକ ଅଦ୍ଭୁତ ମିଳନୀ




ପ୍ରକାଶ ପାଇଛି ଲେଖକ ଦୁର୍ଗାଚରଣ ସାହୁ (ଆଇ.ଏ.ଏସ୍, ଅବସରପ୍ରାପ୍ତ)ଙ୍କ ଜାଭା, ଇଣ୍ଡୋନେସିଆରେ କଳିଙ୍ଗ ରାଜତ୍ୱ ଓ ସଂସ୍କୃତିର ଐତିହାସିକ ପୃଷ୍ଠଭୂମିରେ ରଚିତ ଗୀତିକାବ୍ୟ 'କାବ୍ୟ କଲ୍ଲୋଳିନୀ'। ଇତିହାସ ଏବଂ କଳ୍ପନା ମିଶ୍ରିତ ଲେଖକଙ୍କ ଏହା ଏକ ଅଦ୍ଭୁତ ସୃଷ୍ଟି। ଏହି ପୁସ୍ତକରେ ଲେଖକ ଏହାର ମଧ୍ୟଭାଗରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ଅଳଙ୍କାର ଆଣିବା ନିମିତ୍ତ ପ୍ରତ୍ୟେକ ଗୀତର ସମସ୍ତ ପଦର ବିଭିନ୍ନ ଅଂଶ କେବଳ ଏକ ଅକ୍ଷରରେ ଯଥା-ଅ, କ, ବ, ଜ ବା ଯ ଇତ୍ୟାଦି ଆରମ୍ଭ କରି ଶ୍ରୁତିମଧୁର କରିପାରିଛନ୍ତି। ସାଧାରଣ ପାଠକର ଅଜ୍ଞାତରେ ରହିଯାଇଥିବା କିଛି ତଥ୍ୟକୁ ଶ୍ରୀ ସାହୁ ଏଠାରେ ପ୍ରାମାଣିକ ତଥ୍ୟ ଦେଇ ଉପସ୍ଥାପନା କରିଛନ୍ତି। ତାହା ହେଲା ଜଣେ କଳିଙ୍ଗପୁତ୍ର କମ୍ବୋଡିଆକୁ ବଣିକମାନଙ୍କ ସହ ଯାତ୍ରା କରି ସେଠାରେ ସିଂହାସନ ଆରୋହଣ କରି କୌଣ୍ଡିନ୍ୟ ରାଜବଂଶ ସ୍ଥାପନା କରିଥିଲେ। ଏହି ରାଜବଂଶ ୫୦୦ ବର୍ଷ ଶାସନ କରି ସେଠାକାର ସମାଜରେ ସନାତନ ଧର୍ମ ଓ କଳିଙ୍ଗ ସଂସ୍କୃତି ବ୍ୟାପକ କରିଥିଲେ। ଏହି ପୁସ୍ତକରେ ସମୁଦାୟ ୬୮ଟି ଅଧ୍ୟାୟ ଅଛି। ଯବଦ୍ୱୀପରେ କଳିଙ୍ଗ ରାଜତ୍ୱ ଠାରୁ ଆରମ୍ଭ କରି କଳିଙ୍ଗା ବିଶ୍ୱବିଦ୍ୟାପୀଠ କୁଳପତିଙ୍କ ଦୀକ୍ଷାନ୍ତ ଭାଷଣ ପର୍ଯ୍ୟନ୍ତ ବିଷୟ ଏଥିରେ ସ୍ଥାନ ପାଇଛି। ଏପରିକି ପାଠକ ବୁଝିବାପାଇଁ ଶ୍ରୀ ସାହୁ ପ୍ରତ୍ୟେକ ଅବୁଝା ଶବ୍ଦର ସରଳୀକରଣ କରି ବିଷୟ ଶେଷରେ ତାହାର ଅର୍ଥ ବୁଝାଇ ଦେଇଛନ୍ତି। ସର୍ବୋପରି ଶବ୍ଦ ବ୍ୟବହାର, ବାକ୍ୟଗଠନ ଏବଂ ବ୍ୟାକରଣିକ ଶୁଦ୍ଧି ପୁସ୍ତକଟିକୁ ଅଧିକ ଆକର୍ଷଣୀୟ କରିପାରିଛି। 'ଧାରା ଶ୍ରୀରାଧା ଟ୍ରଷ୍ଟ', ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ୧୫୬ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ୧୮୦ଟଙ୍କା। ଉତ୍ସାହୀ ପାଠକ, ଗବେଷଣାରତ ଛାତ୍ରଛାତ୍ରୀଙ୍କପାଇଁ ପୁସ୍ତକଟି ଉପାଦେୟ ସାବ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ।

# ଅନ୍ଧାର ଆଲୁଅ

ଶରତ ଦାଶ

ଅନ୍ଧକାରର ବକ୍ଷ ବିଦାରି
ଆଲୋକ ପ୍ରସରେ ଖରେ
ମନଅନ୍ଧାର ହୁଏ ଅନ୍ତର
ଜ୍ଞାନସିକ୍ତ ଆଲୋକରେ ।।
ଅସନ୍ତୋଷର ବହ୍ନି ଜଳିଲେ
ଅଳିନ୍ଦରେ ହୃଦୟର
ଜଳି ପୋଡ଼ିଯାଏ ଶାନ୍ତିକୁଟୀର
ଘୋଟେ ମେଘ ଅଶାନ୍ତିର ।।
ସୁନେଲି ସପନ ରୂପେଲି ଡଙ୍ଗାରେ
ଯାଏ ଦୂରେ ବହୁଦୂରେ
ହୃଦୟ ଭାଙ୍ଗିଲେ ନୟନରୁ ଅଶ୍ରୁ
ଝରିପଡେ ଧୀରେ ଧୀରେ ।।
କିଏ ବା ରୋକିବ ଆତ୍ମବିଳାପ
କିଏ ଦେବ ଆଉ ବୋକ
ଜୀବନରେ ଯଦି ନହେଲା ତୃପ୍ତ
ବିଭୁ କରୁଣାର ଭୋକ ।।
ସବୁ ପାର୍ଥିବ ସୁଖ ସମୃଦ୍ଧିରେ
ପୂର୍ଣ୍ଣ ହେଲେ ବି ପ୍ରାଣ
ରହେ ଅତୃପ୍ତ ନଶୁଣିଲା ଯଦି
କର୍ଣ୍ଣ ତାଙ୍କ ଗ୍ରାମଗୁଣ ।।
ଭଜନ କୀର୍ତ୍ତନ ପ୍ରଭୁ ନାମଗାନ
ନକରିଲା ଯଦି ଜିହ୍ୱା
ଯେତେ ସ୍ୱାଦିଷ୍ଟ ଭୋଜନରେ ମଧ୍ୟ
ତୃପ୍ତ ନହେବ କାୟା ।।
ଅନ୍ଧକାରର ଅନ୍ଧ ରାଇଜ
ଆଲୋକରେ ବିପର୍ଯ୍ୟସ୍ତ
ମିଥ୍ୟା ଯେପରି ସତ୍ୟ ପରଶେ
ତ୍ୟାଗକରେ ନିଜ ଗାତ୍ର ।।
ନୀରନ୍ଧ୍ର ଅନ୍ଧାର ଯାଏ ବ୍ୟାପି ଯେବେ
ଧରା ହୁଏ ବେସାହାରା
ଜନ୍ମ ନିଅନ୍ତି ପ୍ରଭୁ ପରମେଶ
ଧରି ଆଲୋକ ପସରା ।।
ଧର୍ମ ସ୍ଥାପିତ କରିବା ଉଦ୍ଦେଶ୍ୟେ
ଅଧର୍ମ ବିନଷ୍ଟ କରି
ଯୁଗେ ଯୁଗେ ହରି ଧରନ୍ତି ସ୍ୱରୂପ
ବୈକୁଣ୍ଠରୁ ଅବତରି ।।
ହେଲାଣି ସେ ବେଳ କାହିଁକି ଉଛୁର
କରୁଛ ହେ ନାରାୟଣ
ଆଉ ଥରେ ନିଅ ନୂଆ ଅବତାର
ଧରିତ୍ରୀକୁ କରି ଧନ୍ୟ ।।
ଅଧମ ଶରତ କରି ମଥାନତ
କରୁଛି ହାରି ଗୁହାରି
ଅଧର୍ମ ଅସତ୍ୟ ପ୍ରାଣେ ହେଉ ହତ
ସାଧୁ ସନ୍ଥେ କର ପାରି ।।

ଭୁବନେଶ୍ୱର



# ପ୍ରେମର କେତୋଟି ସ୍କେଚ୍

ଶରତ କୁମାର ଦାସ



ପରସ୍ତ ପରସ୍ତ ଉଆଁସ ଅନ୍ଧାର ପଛରେ
ପ୍ରେମ ଏକ ଚିହ୍ନାଚିହ୍ନା ତୋଫା ଜହ୍ନରାତି ।
ପବନର ସୁଅ କାଟି ଆଗକୁ ପହଁରିଯିବାର
ଏକ ଅଫୁରନ୍ତ ଶକ୍ତି ।
ପୁଣି ପ୍ରେମ ପରା ସୋରିଷ ଫୁଲର କ୍ଷେତରେ
ଲହଡ଼ି ଭାଙ୍ଗୁଥିବା ସୁନେଲୀ କିରଣର
ମିଠାମାଠା କଅଁଳ ତାତି।
ପ୍ରେମ ସବୁଜ ବିଶ୍ୱାସର ସୁବର୍ଣ୍ଣ ସ୍ୱାକ୍ଷର
ଅନ୍ତରରୁ ଅନ୍ତରୀକ୍ଷକୁ ଭେଦୁଥିବା
ପୁଲକର ପହିଲି ମନ୍ତ୍ର ।
ପ୍ରେମରେ ଫୁଲ ଫୁଟେ, ପକ୍ଷୀ ଉଡେ,
ପତ୍ର ହୁଏ ପଲ୍ଲବିତ,
ଶୁଭେ ଭଅଁରର ଗୁଣୁଗୁଣୁ ଗୁଞ୍ଜନ।
ପ୍ରେମ ଏକ ଦିବ୍ୟ ଅନୁଭୂତି
ନିରାସକ୍ତ ନିର୍ବାଣର ନିର୍ମଳ ଛବି
ଈଶ୍ୱରଙ୍କ ଶ୍ରେଷ୍ଠ ଅବଦାନ
ଅମୃତମୟ ସୃଷ୍ଟିର ଆଧାର
ଅଦମ୍ୟ ପ୍ରତିବଦ୍ଧତା, ଶାଶ୍ୱତ ସମର୍ପଣ
ସବୁ ଧର୍ମ, ଦର୍ଶନ ଓ ସଂସ୍କୃତିର
ନୈସର୍ଗିକ ତଥା ସର୍ବୋଚ୍ଚ ଉପଲବ୍ଧି ।
ପ୍ରେମ ଏକ ଅସମାପ୍ତ ଅନୁରାଗ
ଢାଳିଦିଏ ଢଳଢଳ ଅଭିସାର
ସ୍ୱାର୍ଥହୀନ ଅନୁରକ୍ତି, କଅଁଳ ଆତ୍ମୀୟତା;
ପୂର୍ଣ୍ଣତାରେ ଭରିଯାଏ ଜୀବନ ପାତ୍ର
ଝରିଯାଏ ଗଙ୍ଗା-ଯମୁନା-ସରସ୍ୱତୀ
ଶୃଙ୍ଖଳା ମରୁର ଆକୀର୍ଣ୍ଣ ଛାତିରେ ।
ପ୍ରେମ ଏକ କୁଳୁକୁଳୁ ପାହାଡ଼ୀ ଝରଣା
ବହୁଥାଏ ଯେ ବହୁଥାଏ
ଅଗନା ଅଗନି ବନସ୍ତର ବନ୍ଧୁର ପଥରେ,
କେବେକେବେ ଝୁଣ୍ଟିପଡେ, ଥକିପଡେ
ମାତ୍ର ପଡେନି ଥକି କେବେ ।
ପ୍ରେମ ଏକ ଆକର୍ଷଣ, ମଧୁର ଯନ୍ତ୍ରଣା
ନୀଡ ତୋଳେ ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ
ଅତିକ୍ରମ କରିପାରେ ପ୍ରତୀକ୍ଷାର ଦୀର୍ଘ ପଥ
ଆନନ୍ଦ ଓ ବିଷାଦର ଶେଷ ପାହାଚରେ
ଛୁଇଁପାରେ ମଧ୍ୟାହ୍ନର ଡହଡହ ସୂର୍ଯ୍ୟ ।
ପ୍ରେମ ଏକ ଆତ୍ମନିବେଦନ
ନିରାସକ୍ତ ଅନାବିଳ ମଧୁର କମ୍ପନ
ଆବେଗର ସ୍ନିଗ୍ଧ ଶୀତଳ ଚନ୍ଦନ ।
ଲାଭକ୍ଷତିର ରଖେନା ହିସାବ
ହସ-ଲୁହ, ସୁଖ-ଦୁଃଖ, ଜୀବନ-ଯନ୍ତ୍ରଣାରର
ନକ୍ସା ଆଙ୍କେ ଗୋପନରେ ଏକା ଏକା ବସି ।
ପ୍ରେମ ହୁଏ କାଳଜୟୀ
ଯେଉଁଠି ପରାଜୟରେ ବି
ବିଜୟର ଉଲ୍ଲାସ ଥାଏ
ବିଷପୂର୍ଣ୍ଣ ପିଆଲାରେ ଅମୃତର ସ୍ୱର୍ଶ ଥାଏ
ଆଉ 'ମୁଁ' ଓ 'ତୁ' ସୀମାରେଖା ଡେଇଁ
'ଆମେ'ର ସ୍ୱର୍ଗୀୟ ଅନୁଭବ ଥାଏ ।

ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ତୁମ କଥା ଭାବି...

ରାକେଶ ପଣ୍ଡା

ତୁମ କଥା ଭାବି
ଯଦି ଓଠ ତଳେ ହସ ଆଉ
ଆଖିରୁ ଦୁଇ ଟୋପା ଲୁହ
ଖସିଆସି ବକ୍ଷ ନ ଭିଜେଇଲା
ତେବେ ସେ ଭାବନାରେ ଲାଭ କଣ।

ତୁମ ହାତ ପରଶ ମୋ ଦେହେ
ସ୍ୱର୍ଶ କରିବା କଥା ଭାବି
ଭାବନାରେ କୋଳାଗ୍ରତର ଅନୁଭବ ଓ
ଶରୀରରେ ଶିହରଣ ନଖେଳିଲା
ତେବେ ସେ ଛୁଆଁର ମଧୁରତା କଣ।

ତୁମେ କହିଥିବା ପ୍ରତିଟି ଶବ୍ଦ ଓ ଧାଡ଼ି
ସେନେହ ବୋଳା କଥା ଅସୁମାରି
ମୋତେ ତୁମ କଥା
ମନେପକେଇବାକୁ ବାଧ୍ୟ ନକଲା
ତେବେ ସେଥିରେ ଆନ୍ତରିକତା ଥିଲା କଣ।

ତୁମକୁ ଦେଖିଲା ପରେ
ପ୍ରେମରେ ମୁଁ ଦେଖିଥିବା
ପ୍ରତିଟି ସେ ଅବୁଝା ସ୍ୱପ୍ନ
ଯଦି ରାତିର ନିଦକୁ ଚୋରି ନକଲା
ତେବେ ସେ ସ୍ୱପ୍ନରେ ବାସ୍ତବତା ଥିଲା କଣ।

ତୁମକୁ ନିଜର କରିଲା ପରେ
ତୁମ ସଫଳତାରେ ଯଦି ନହେଲି ଖୁସି
ତୁମ ଜୀବନର ଲକ୍ଷ୍ୟକୁ
କରିନପାରିଲି ନିଜର ଲକ୍ଷ୍ୟ
ତେବେ ଆପଣାର ଭାବ ରହିଲା କଣ।

ତୁମକୁ ପାଇ ପୁଣି ତୁମକୁ ନପାଇ
ଭାବ ଓ ଭାବନାରେ ବିହ୍ୱଳ ହୋଇ
ଯଦି ବୈଶାଖୀ ତାତିର ନିର୍ଜନ ପଥରେ
ତୁମେ ଫେରିବା ଯାଏ
କରିନପାରିଲି ପ୍ରତୀକ୍ଷା, ଅପେକ୍ଷା
ତେବେ ପ୍ରେମରେ ସୁନ୍ଦରତା ରହିଲା କଣ।

ବଦାଲୋ, ଟାଙ୍ଗୀ, କଟକ-୭୫୪୦୨୨
ମୋ- ୯୩୩୭୮୯୭୬୫୦



# ସେଇ ମାଟି ସେହି ଗାଁ... !

ଚନ୍ଦନ କୁମାର ଦାସ

ସେ ମାଟିରେ
ଏମିତି କଣ ଥାଏ କେଜାଣେ... !
ସେଇଥିରେ ହିଁ ଧୁଆହୁଏ
ମୁଁ ପାଇଥିବା ମୋ ଆଦ୍ୟ
ପରିଚୟର ପରଳ
ସେଇଥିରେ ହିଁ ପୋଛାହୁଏ
ମୋ ଶେଷ ଶବ୍ଦର ଆବିଳ
ତା ଆତ୍ମୀୟତାର ଆତ୍ମବନରେ
ଥାଏ ଗୋଟେ ଭିନ୍ନ ଆକର୍ଷଣ
ଭିନ୍ନ ଗୋଟେ ସଂପର୍କର ସଂଯୋଜ୍ୟତା
ସେ ବି ଲୋଡୁଥାଏ ମୋତେ,
ମୁଁ ବି ଲୋଡୁଥାଏ ତାକୁ
ପ୍ରତିଟି ସ୍ପନ୍ଦନରେ, ପ୍ରତି ସୋପାନରେ
ସେଥିପାଇଁ ବସାଟିଏ ହୋଇ
ଛନ୍ଦି ଦିଏ ସିଏ ବାରମ୍ବାର, ଥରକୁ ଥର
ସଂପର୍କର ନୂଆ ଏକ ସମୀକରଣରେ
ମା..ଟି ପରା ସିଏ
ଏତିକିରେ ପୂରିଯାଏ
ସକଳ କାମନା, ଘୁଞ୍ଚିଯାଏ ସବୁ ବିଡମ୍ବନା ।

ଭୋଗରାଇ, ବାଲେଶ୍ୱର
ମୋ-୮୧୧୪୩୪୫୯୮୮

# ରାସ୍ତା

ରଶ୍ମିତା ସେଠୀ

ଏଇ ସେହି ଅଙ୍କା ବଙ୍କା ମୋ ଗାଁର ମାଟି ରାସ୍ତା
ଯିଏ ଲମ୍ବିଅଛି ଦିଗନ୍ତ ସେପାରେ
ତା'ର ସେହି ମାଟିର ଛାତିରେ ମୁଁ
ଅନୁଭବ କରେ ଆପଣାପଣର ଭାବ
ଯା' ଛାତିରେ ପାଦ ରଖି ଆସେ ନିତି ଶୁଭ୍ର ସକାଳ
ପୁଣି ସଞ୍ଜ ଫେରେ ଗାଇଆଳ ଗୋଠ
ସାଥେ ବଇଁଶୀର ସୁରେ।
କେତେ କେତେ ପାଦଚିହ୍ନ ତା'ର ସେହି
ଛାତିସାରା ଯିବା ଆସିବାର
କିଏ ଚିହ୍ନା କିଏ ଅଚିହ୍ନା କିଏ ପର
କିଏ ବା ଆପଣା।
ରାସ୍ତା କେବେ ପଚାରି ବୁଝେନା ତୁମେ
କେଉଁ ଜାତି କେଉଁ ଧର୍ମର
ସଭିଙ୍କୁ ନିଜର କରି ମାଟି ରାସ୍ତା ଖୁସିହୁଏ
ଦୁଃଖ ଭୁଲେ ମହକୁଥାଏ
ଅନା ବନା ଘାସ ଫୁଲର ମହକରେ।

ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା

# ସାବରମତୀର ସନ୍ଥ

ସୁଜିତ କୁମାର ମିଶ୍ର



ଆଉ ବନ୍ୟା ମୁଖର କାହିଁ
ଏ ପାବନ ଦରଦୀ ନଈ ?
ମାଟିମଗ୍ନ ମନଟିଏ କାହିଁ
ଲୁହକୁ ଶୋଷିବା ପାଇଁ ?
ତୁମେ ଗଲାପରେ ମୁକ୍ତି
ଗୋଟିଏ ମଳାଶବ୍ଦର ସୁଦୀର୍ଘ କାନ୍ଥ,
ତା ଉଡାଣ କାହିଁ ନୀଳ ଗଗନରେ ?
ମନେ ପଡ ବେଶୀ
ପତାକାର ବାଧ ଉତ୍ତୋଳନରେ
ଅକ୍ଟୋବରୀୟ ଅଶ୍ରୁଧାରେ
ହେ ସାବରମତୀର ସନ୍ଥ ।
ତୁମ ଛାତିର ଆହ୍ୱାନ
ନିରସ୍ତ୍ର ନିବେଦନ,
ସତ୍ୟ ଅହିଂସାର ରଙ୍ଗରେ ତ
ଆଲୋକିତ ଆଶାର ନୂତନ ଫର୍ଦ୍ଦ,
ଏକତାର ଜୟଗାନ,
ତୁମ ଲୁହ, କୋହ, ମୋହ
ଶ୍ରାବଣ ପରି ଭିଜାଭିଜା,
ଶରତର ସାଜସଜ୍ଜା,
ବସନ୍ତର ମିଳନ ଧ୍ୱଜା,
ପ୍ରତିଟି ପ୍ରାଣରେ ତାତିଲା ରକ୍ତର
ଯୌବନ।
ସେପଟେ ଯୁଦ୍ଧମୁହାଁ ଜାତିର
ହୁଙ୍କାର,
ଏପଟେ ନୀରବ ମନ ତଳୁ
ଅଦ୍ଭୁତ ବିରୋଧ ଗୀତିର ଅତୃପ୍ତ ତାତି,
ସାରା ସଂସାର ଉଜାଗର ବେଳେ
ତୁମେ ଥିଲ ଜାଗ୍ରତଭାବୁକ ଆତ୍ମା
ବର୍ଷଣ ମୁଖର ।
ଜୀବନ ତ ଥିଲା
ଦୀପର ଦହନ,
ପ୍ରୀତିର ଆକାଶ,
ବେଦରଦୀର କଳାରାତି ଭେଦି,
ତମାମ୍ ରାତି ହୃଦୟ ଚିଠିର ଗୀତ,
ପରଶୁଥିଲ ତୁମେ
ପ୍ରେମଫୁଲର ସମର୍ପଣ ।
ଲୁହ ବି ଓଜନିଆ ଲୁହାଠାରୁ
କେତେ ନଈ ଗାଆଁଠୁ
ସହର ପ୍ରବହମାନ,
ନିବିଡ଼ ଆଶ୍ଲେଷ ରଙ୍ଗରୁ,
ସେଇଥିପାଇଁ ତ ତୁମେ ଲଙ୍ଗଳା ଫକୀର
ମାଟିକୁ କରି ଶ୍ରଦ୍ଧା ସମୃଦ୍ଧିର
ଅପୂର୍ବ ନନ୍ଦନବନ,
ଏବେ ତୁମ ଗଢା ରାମରାଜ୍ୟ
ନର୍କର ନଳବଣ ।
ତୁମ ଫଟୋ ଜୟନ୍ତୀ ଦିନ
ଜହ୍ନର ସୌନ୍ଦର୍ଯ୍ୟ
ମନର ସୌଭାଗ୍ୟ,
ପବନର ସୁରିଲା ଗୀତ,
ଗାନ୍ଧୀବାଦ କୁଆଡେ ସେଦିନ
ଝରୁଥାଏ ଅନ୍ତରରୁ
ଲଗାଣ ଶ୍ରାବଣ ପରି ଅପ୍ରମିତ ।
ଆଉ ପର ଝାଡୁନି କପୋତ,
କଳାମେଘର ତାଡ଼ନାରେ
ଉଡାନ୍ ଇନ୍ଦ୍ରଧନୁ,
ତୁମେ ଗଲାପରେ
ଅଭୟବାଣୀର ନଈରେ
ଗୋଳିପାଣିର ଅଭିସମ୍ପାତ ।
ଏବେବି ଏ ମାଟି କଷଣ ଜର୍ଜର
କ୍ଷତର ସାଗର
କ୍ଷୁଧିତ ଆଶାର ଧାରେ
ତୁମ
ଅସହଯୋଗର ମନ୍ତ୍ର
ଭାରତଛାଡ଼ ଚେତାବନୀ,
ସତ୍ୟ ଅହିଂସାର ଶାଣିତ ସୁରେ ।

ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

# ଡବ୍ଲ୍ୟୁପିଏଲ୍ ମେଗା ନିଲାମ ପାଇଁ ନିୟମାବଳୀ ଘୋଷଣା
## ଫ୍ରାଞ୍ଚାଇଜଙ୍କୁ ୫ ଖେଳାଳି ରିଟେନ ପାଇଁ ଅନୁମତି




**ନୂଆଦିଲ୍ଲୀ**

ଆଗାମୀ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ମେଗା ନିଲାମ ପାଇଁ ନିୟମାବଳୀ ଘୋଷଣା କରାଯାଇଛି। ଆସନ୍ତା ମାସ ୨୫ରୁ ୨୯ ତାରିଖ ମଧ୍ୟରେ ମେଗା ନିଲାମ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହା ପୂର୍ବରୁ ୫ତାରିଖ ସୁଦ୍ଧା ଫ୍ରାଞ୍ଚାଇଜମାନେ ଚୂଡ଼ାନ୍ତ ଖେଳାଳି ରିଟେନ ତାଲିକା ପ୍ରଦାନ କରିବେ। ୧୮ ତାରିଖ ନିଲାମ ପାଇଁ ଖେଳାଳିଙ୍କ ପଞ୍ଜୀକରଣ ଶେଷ ହେବ। ଏହାପରେ ବିସିସିଆଇ ୨୦ ତାରିଖରେ ସମ୍ପୂର୍ଣ୍ଣ ନିଲାମ ତାଲିକା ଘୋଷଣା କରିବ। ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଅତି ବେଶୀରେ ୫ଜଣ ଖେଳାଳିଙ୍କୁ ରିଟେନ କରିପାରିବେ। ଏଥିରେ ୩ଜଣ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ଭାରତୀୟ ଖେଳାଳି ରହିବେ। ସେହିପରି ୨ଜଣ ବିଦେଶୀ ଖେଳାଳି କିମ୍ବା ୨ଜଣ ଘରୋଇ ଖେଳାଳି ରହିବେ।

ଯଦି କୌଣସ ଫ୍ରାଞ୍ଚାଇଜ୍ ୫ଜଣ ଖେଳାଳି ରିଟେନ କରନ୍ତି, ତେବେ ଏଥିରେ ଜଣେ ଘରୋଇ ଖେଳାଳି ରହିବା ବାଧ୍ୟତାମୂଳକ। ନିଲାମରେ ଖେଳାଳି କିଣିବା ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ ସର୍ବାଧିକ ୧୫କୋଟି ଟଙ୍କା ଖର୍ଚ୍ଚ କରି ପାରିବେ। କୌଣସି ଫ୍ରାଞ୍ଚାଇଜ ସର୍ବାଧିକ ୫ଜଣ ଖେଳାଳି ରିଟେନ କଲେ ସେମାନଙ୍କ ପର୍ସରୁ ୯.୨୫ କୋଟି ଟଙ୍କା କାଟ୍ କରାଯିବ।

ସେହିପରି ୪ଖେଳାଳି ରିଟେନ କଲେ ୮.୭୫ କୋଟି ଟଙ୍କା, ୩ ଖେଳାଳିଙ୍କ ପାଇଁ ୭.୭୫କୋଟି ଟଙ୍କା, ୨ ଖେଳାଳିଙ୍କ ପାଇଁ ୬କୋଟି ଓ ଜଣେ ଖେଳାଳି ରିଟେନ କଲେ ୩.୫କୋଟି ଟଙ୍କା କାଟ କରାଯିବ। ୫ଜଣ ଖେଳାଳି ରିଟେନ କରାଗଲେ ପ୍ରଥମ ଖେଳାଳିଙ୍କ ମୂଲ୍ୟ ୩.୫ କୋଟି ଟଙ୍କା, ଦ୍ୱିତୀୟ ଖେଳାଳିଙ୍କ ମୂଲ୍ୟ ୨.୫କୋଟି ଟଙ୍କା, ତୃତୀୟ ଖେଳାଳିଙ୍କ ମୂଲ୍ୟ ୧.୭୫ କୋଟି, ଚତୁର୍ଥ ଖେଳାଳିଙ୍କ ମୂଲ୍ୟ ୧ କୋଟି ଓ ପଞ୍ଚମ ଖେଳାଳିଙ୍କ ମୂଲ୍ୟ ୫୦ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ନିଲାମରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌ଙ୍କୁ ୫ଟି ଲେଖାଏଁ ଆରଟିଏମ(ରାଇଟ ଟୁ ମ୍ୟାଚ) କାର୍ଡ ଉପଯୋଗ କରିବାର ସୁଯୋଗ ରହିଛି। ଫଳରେ ଏହି କାର୍ଡ ବଳରେ ଉକ୍ତ ଫ୍ରାଞ୍ଚାଇଜ୍ ସେମାନଙ୍କ ପୂର୍ବ ଖେଳାଳିଙ୍କୁ ଫେରାଇ ଆଣି ପାରିବେ। ମାତ୍ର ୫ଜଣ ଖେଳାଳି ରିଟେନ କଲେ ଉକ୍ତ ଫ୍ରାଞ୍ଚାଇଜ୍ ଆରଟିଏମ କାର୍ଡ ବ୍ୟବହାର କରିପାରିବେ ନାହିଁ।

# ୨ୟ ଟେଷ୍ଟର ପ୍ରଥମ ଦିନ : ଭାରତ ୩୧୮/୨
## ପଡ଼ିଆରେ ପାଦ ଦେବାମାତ୍ରେ ଇତିହାସ ରଚିଲେ ବୁମ୍ରା

**ନୂଆଦିଲ୍ଲୀ**

ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଭାରତ-ୱେଷ୍ଟଇଣ୍ଡିଜ୍ ୨ୟ ଟେଷ୍ଟ। ଏହି ଟେଷ୍ଟର ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୨ ୱିକେଟ ହରାଇ ୩୧୮ ରନ କରିଛି। ଏହି ମ୍ୟାଚର ପ୍ରମୁଖ ଆକର୍ଷଣ ଥିଲା ଯଶସ୍ୱୀ ଜୟସ୍ୱାଲଙ୍କ ଶତକ। ସେ ଅପରାଜିତ ୧୭୩ କରିଛନ୍ତି ଓ ଶନିବାର ସେ ଦ୍ୱିଶତକ ପୂରଣ କରିବା ଆଶା କରାଯାଉଛି। ତାଙ୍କ ସହିତ କ୍ରିଜ୍‌ରେ ଅଛନ୍ତି ଅଧିନାୟକ ଶୁବମନ ଗିଲ। ସେ ୨୦ ରନ କରି ଖେଳୁଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଜୟସ୍ୱାଲ ଓ କେଏଲ ରାହୁଲ ପ୍ରଥମ ୱିକେଟ ଯୋଡ଼ିରେ ୫୮ ରନ ଯୋଗ କରିବା ପରେ ରାହୁଲ ୩୮ ରନ କରି ଆଉଟ ହୋଇଥିଲେ । ଏହା ପରେ ସାଇ ସୁଦର୍ଶନ ଓ ଜୟସ୍ୱାଲଙ୍କ ମଧ୍ୟରେ ଏକ ୧୯୩ ରନର ପାର୍ଟନରସିପ ଦେଖିବାକୁ ମିଳିଥିଲା। ସୁଦର୍ଶନ ୮୪ ରନ କରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ନିଜର ଶତକ ପୂରଣ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜୋମେଲ ୱାରିକାନ ୨ଟି ୱିକେଟ୍ ନେଇଥିଲେ ।






ଜସପ୍ରିତ ବୁମରା ତିନୋଟି ଫର୍ମାଟରେ (ଟେଷ୍ଟ, ଏକଦିବସୀୟ ଏବଂ ଟି-୨୦) ଅତି କମ୍‌ରେ ୫୦ଟି ମ୍ୟାଚ ଖେଳିଥିବା ପ୍ରଥମ ଭାରତୀୟ ଦ୍ରୁତ ବୋଲର ହୋଇଛନ୍ତି। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡ଼ିୟମରେ ଖେଳାଯାଉଥିବା ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ହେଉଛି ବୁମ୍ରାଙ୍କ ୫୦ତମ ଟେଷ୍ଟ। ବୁମରା ଏମ.ଏସ ଧୋନୀ ଏବଂ ବିରାଟ କୋହଲିଙ୍କ ଏଲିଟ କ୍ଲବରେ ସାମିଲ ହୋଇଛନ୍ତି।

ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଦିଲ୍ଲୀର ଅରୁଣ ଜେଟଲି କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଛି। ଏହା ବୁମ୍ରାଙ୍କ ୫୦ତମ ଟେଷ୍ଟ ମ୍ୟାଚ୍। ସେ ଖେଳିଥିବା ୪୯ଟି ଟେଷ୍ଟରେ ସେ ୨୨୨ଟି ଉଇକେଟ ନେଇଛନ୍ତି ଏବଂ ୧୫ଟି ପାଞ୍ଚ ଉଇକେଟ ନେଇଛନ୍ତି।

୩୧ ବର୍ଷୀୟ ବୁମ୍ରା ୨୦୧୬ରେ ତାଙ୍କର ଟି-୨୦ ଡେବ୍ୟୁ ସହିତ ଏକକାଳୀନ ଦିନିକିଆ ଡେବ୍ୟୁ କରିଥିଲେ। ଦୁଇ ବର୍ଷ ପରେ ସେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ବୁମ୍ରା ୫୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହା ସହିତ, ସେ ୮୯ଟି ଦିନିକିଆ ଏବଂ ୭୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୮୯ ଦିନିକିଆରେ ୧୪୯ ଉଇକେଟ ଏବଂ ୭୫ ଟି-୨୦ରେ ୯୬ ଉଇକେଟ ନେଇଛନ୍ତି। ସେ ଦିନିକିଆରେ ପାଞ୍ଚଟି ପାଞ୍ଚ ଉଇକେଟ ନେଇଛନ୍ତି।

ବୁମ୍ରା ପ୍ରତ୍ୟେକ ଫର୍ମାଟରେ ଅତି କମ୍‌ରେ ୫୦ଟି ମ୍ୟାଚ ଖେଳିବା ପାଇଁ ପ୍ରଥମ ଭାରତୀୟ ଦ୍ରୁତ ବୋଲର ହୋଇଥିଲେ। ଏହି ସଫଳତା ହାସଲ କରିବାରେ ସେ ସପ୍ତମ ଭାରତୀୟ ଖେଳାଳି। ତାଙ୍କ ପୂର୍ବରୁ ଏମ୍‌ଏସ୍ ଧୋନୀ, ବିରାଟ କୋହଲି, ରୋହିତ ଶର୍ମା, ରବିନ୍ଦ୍ରନ ଜାଡ଼େଜା, ରବିଚନ୍ଦ୍ରନ ଅଶ୍ୱିନ ଏବଂ କେଏଲ ରାହୁଲ ଏପରି କରିଛନ୍ତି। ଏବେ ବୁମ୍ରା ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି।

# ନଅଗାଁ(ଖ) ପଞ୍ଚଦିବସୀୟ ରନିଙ୍ଗ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସୁଜିଆ ଚାମ୍ପିଅନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଆଗଲପୁର ବ୍ଲକ ନଅଗାଁ (ଖ) ହାଇସ୍କୁଲ ଖେଳପଡ଼ିଆ ଠାରେ ପଲ୍ଲୀ ଆଲୋକ ପାଠାଗାର ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ପଞ୍ଚଦିବସୀୟ ରନିଙ୍ଗ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ସୁଜିଆ ଓ ତେତେଲଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତେତେଲଖୁଣ୍ଟିକୁ ହରାଇ ସୁଜିଆ ଏକାଦଶ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଗଲପୁର ବିଡ଼ିଓ ମହାପାତ୍ର କୁଲଦୀପ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସମାଜସେବୀ ଲଳିତ ସାହୁ, ଦେବରାଜ ବିଶ୍ୱାଳ, ମୀନକେତନ ମହାଲିଙ୍ଗ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ନଗଦ ଅର୍ଥରାଶି ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ସିଦ୍ଧେଶ୍ୱର ଧରୁଆ, ଶ୍ରେଷ୍ଠ ଗୋଲ କିପର ଅଶ୍ୱିନୀ ପଟେଲ ଓ ଶ୍ରେଷ୍ଠ ଆକ୍ରମଣାତ୍ମକ ଖେଳାଳି ଭାବେ ସ୍ୱାଧୀନ ଭୁଏଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାଚ୍ କମିଶନର ଦିଲୀପ ଧରୁଆଙ୍କ ନେତୃତ୍ୱରେ ସୁରେଶ ନାଏକ, ଜ୍ୟୋତିରଞ୍ଜନ ରାଉତ, କରୁଣାକର ପଧାନ, ବୀରେନ୍ଦ୍ର ଧରୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କରୁଣାକର ବିଶ୍ୱାଳ ଉଦଘୋଷକ ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ, ସ୍ୱେଚ୍ଛାସେବୀ ପ୍ରହଲ୍ଲାଦ ପଧାନ, ଗୋବିନ୍ଦ ବିଶିଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳିବେ ରୋହିତ-ବିରାଟ

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଜାନୁୟାରୀରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ବିଜୟ ହଜାରେ ଟ୍ରଫିରେ ଅତି କମ୍‌ରେ ତିନୋଟି ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି, ଯଦି ସେମାନେ ୨୦୨୭ ବିଶ୍ୱକପ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ଖେଳାଳି ଅକ୍ଟୋବର ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଆନ୍ତର୍ଜାତୀୟ କ୍ରିକେଟକୁ ଫେରିବେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ (୩୦ ନଭେମ୍ବରରୁ ୬ ଡିସେମ୍ବର) ଶେଷ ହେବା ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ (୧୧-୧୮ ଜାନୁୟାରୀ) ଆରମ୍ଭ ହେବା ମଧ୍ୟରେ ପାଞ୍ଚ ସପ୍ତାହର ବ୍ୟବଧାନ ରହିଛି। ଏହି ସମୟରେ ବିଜୟ ହଜାରେ ଟ୍ରଫି ୨୪ ଡିସେମ୍ବରରୁ ଆରମ୍ଭ ହେବ, ଯେଉଁଥିରେ ମୁମ୍ବାଇ ଓ ଦିଲ୍ଲୀ ପାଇଁ ଛଅଟି ରାଉଣ୍ଡ ମ୍ୟାଚ୍ ଖେଳାଯିବ (୨୪, ୨୬, ୨୯, ୩୧ ଡିସେମ୍ବର, ୩, ୬, ୮ ଜାନୁୟାରୀ)। ଜାତୀୟ ଚୟନକର୍ତ୍ତାମାନେ ରୋହିତ ଓ ବିରାଟଙ୍କୁ ଏହି ୫୦ ଓଭର ଟୁର୍ଣ୍ଣାମେଣ୍ଟରେ ଅତି କମ୍‌ରେ ତିନୋଟି ମ୍ୟାଚ୍ ଖେଳିବାକୁ ଆଶା କରୁଛନ୍ତି।




ବିସିସିଆଇ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି ଯେ, ସମସ୍ତ କେନ୍ଦ୍ରୀୟ ଚୁକ୍ତିଭୁକ୍ତ ଖେଳାଳିଙ୍କୁ, ଯେଉଁମାନେ ଫିଟ ଓ ଉପଲବ୍ଧ, ଘରୋଇ କ୍ରିକେଟ ଖେଳିବାକୁ ପଡ଼ିବ। ଏକ ବିସିସିଆଇ ସୂତ୍ର କହିଛି, "ରୋହିତ ଓ ବିରାଟଙ୍କୁ ବିଜୟ ହଜାରେ ଟ୍ରଫିରେ ଅତି କମରେ ତିନୋଟି ମ୍ୟାଚ ଖେଳିବାକୁ ପଡ଼ିବ।"

ଏପରିକି ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ, ରୋହିତ ଓ ବିରାଟଙ୍କୁ ଫର୍ମରେ ରହିବା ପାଇଁ ଘରୋଇ କ୍ରିକେଟ ଖେଳିବା ଆବଶ୍ୟକ। ସେ ପରାମର୍ଶ ଦେଇଛନ୍ତି ଯେ, ଭାରତ 'ଏ' ସିରିଜ କିମ୍ବା ବିଜୟ ହଜାରେ ଟ୍ରଫି ଖେଳି ସେମାନଙ୍କ ଫର୍ମ ମୂଲ୍ୟାୟନ କରାଯାଇ ପାରିବ।

# ଏସିଆ କପ୍‌କୁ ନେଇ ବଡ଼ ବୟାନ ଦେଲେ ନକ୍‌ଭି

**ଲାହୋର**

ଏସିଆ କପ୍ ଟ୍ରଫିକୁ ନେଇ ଏବେ ସୁଦ୍ଧା ବିବାଦ ଲାଗିରହିଛି। ଏସିଆନ୍ କ୍ରିକେଟ୍ କାଉନ୍‌ସିଲ (ଏସିସି) ମୁଖ୍ୟ ମହସିନ ନକ୍‌ଭି କହିଛନ୍ତି, ଏହି ଟ୍ରଫିଟିକୁ ବର୍ତ୍ତମାନ ଦୁବାଇସ୍ଥିତ ଏସିସିର ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ରଖା ଯାଇଛି। ତାଙ୍କ ବିନା ଅନୁମୋଦନରେ ଏହି ଟ୍ରଫିକୁ କେହି ନେଇପାରିବେନି କିମ୍ବା ଏହା କାହାରିକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ।

# ଅସୀ ଚାଳନାରେ ସମ୍ବଲପୁର ଛାତ୍ରୀଙ୍କ କୃତିତ୍ୱ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

କଟକ ଜବାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଚତୁର୍ଥ ଓଡ଼ିଶା ରାଜ୍ୟ ଅସୀଚାଳନା ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ସମ୍ବଲପୁରକୁ ବ୍ରୋଞ୍ଜ ମେଡାଲ ମିଳିଛି। ସବ୍ ଜୁନିଅର ଇପିରେ ହର୍ଷିତା ନାୟକ ଭାଗ ନେଇଥିଲେ। ସେ ଏଥିରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବର୍ତ୍ତମାନ ସେ ସେଣ୍ଟ ଯୋଶେଫ୍ କନଭେଣ୍ଟ ସେକେଣ୍ଡାରୀ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଭାବେ ପାଠ ପଢୁଛନ୍ତି। ବ୍ରୋଞ୍ଜ ପଦକ ହାସଲ କରି ସ୍କୁଲ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଏଥିସହ ସେ ଜାତୀୟ ସ୍ତରୀୟ ଅସୀଚାଳନା ପାଇଁ ମନୋନୀତ ହୋଇଛନ୍ତି। ପଦକ ବିଜେତାଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି ଅଭିନନ୍ଦନ ଜଣାଇଛନ୍ତି। ଏହି ଖବର ପାଇ ସମ୍ବଲପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

# ଟେସଲା କାର କିଣିଲେ ରୋହିତ ଶର୍ମା

**ମୁମ୍ବାଇ**




ଭାରତୀୟ କ୍ରିକେଟର ରୋହିତ ଶର୍ମା ନିକଟରେ ମୁମ୍ବାଇରେ ଆୟୋଜିତ ସିଇଏଟି କ୍ରିକେଟ ଆୱାର୍ଡସରେ ନିଜର ନୂଆ ଟେସଲା ମଡେଲ ୱାଇ ଡ୍ରାଇଭ କରି ସମସ୍ତଙ୍କ ନଜର ଆକର୍ଷିତ କରିଛନ୍ତି। ଏହି ଇଲେକ୍ଟ୍ରିକ ଏସୟୁଭିର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ରୋହିତଙ୍କ ୪୫ ମିଲିୟନ ଇନଷ୍ଟାଗ୍ରାମ ଫଲୋୟାର୍ସଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଜଣେ ଉପଭୋକ୍ତା ପୋଷ୍ଟ କରିଛନ୍ତି, "ଏହା ହିଁ କାରଣ ଯେ ଟେସଲାକୁ ବିଜ୍ଞାପନର ଆବଶ୍ୟକତା ନାହିଁ- ରୋହିତ ଶର୍ମା ନୂଆ ଟେସଲା ମଡେଲ ୱାଇ କିଣିଛନ୍ତି।"

ଏହି ପୋଷ୍ଟ ଟେସଲା ସିଇଓ ଏଲୋନ ମସ୍କଙ୍କ ଦୃଷ୍ଟି ଆକର୍ଷିତ କରିଛି, ଯିଏ ଏହାକୁ ରିଟ୍ୱିଟ୍ କରି ଇଣ୍ଟରନେଟରେ ହଇଚଇ ସୃଷ୍ଟି କରିଛନ୍ତି। ରୋହିତଙ୍କ ଟେସଲାର ନମ୍ବର ପ୍ଲେଟ '୩୦୧୫' ମଧ୍ୟ ଚର୍ଚ୍ଚାରେ ରହିଛି, ଯାହା ତାଙ୍କ ପିଲାମାନଙ୍କ ସମୈରା ଓ ଆହାନଙ୍କ ଜନ୍ମତାରିଖକୁ ସୂଚିତ କରୁଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

# ମଦ ବନ୍ଦ ଦାବିରେ ରମ୍ଭା ଥାନା ଘେରାଉ କଲେ ମହିଳା ଗୋଷ୍ଠୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ଥାନା ଇଲାକା ତଥା ସୁବଳୟା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବି.ବାହାଡ଼ାପଲ୍ଲୀ ଗ୍ରାମରେ ନକଲି ମଦ ପ୍ରସ୍ତୁତି, ବେଆଇନ ମଦ ବିକ୍ରି ଓ ଚୋରା ମଦ ଚାଲାଣ ବ୍ୟାପକ ବୃଦ୍ଧି ଯୋଗୁଁ ଗ୍ରାମରେ ଅସାମାଜିକଙ୍କ ଆଡ୍ଡା, ଅରାଜକତା ଓ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମର ମହିଳା ଗୋଷ୍ଠୀ। ସମିତି ସଭ୍ୟା ମାମି ଦାସଙ୍କ ନେତୃତ୍ୱରେ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ମହିଳା ରମ୍ଭା ଥାନା ଘେରାଉ କରିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏସଡ଼ିପିଓ ଚନ୍ଦନ ଘଡ଼େଇ ଓ ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ବୁଝାସୁଝା କରିବା ସହ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମରେ ବେଆଇନ ଅପମିଶ୍ରିତ ସ୍ପିରିଟ ମଦ ବହୁଳ ପରିମାଣରେ ବିକ୍ରୟ ହେବା, ଗ୍ରାମର କିଛି ଲୋକ ସେହି ମଦକୁ ପିଇ ଗ୍ରାମରେ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି କରିବା, ପ୍ରତିଦିନ ରାତ୍ର ମଦ୍ୟପମାନେ ଉକ୍ତ ମଦ ପିଇ ଗ୍ରାମରେ ମହିଳାମାନଙ୍କୁ ଗାଳିଗୁଲଜ କରିବା ଦ୍ୱାରା ଗ୍ରାମରେ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ ଜଣାଯାଇଛି। ଅନ୍ୟପଟେ ସମିତିସଭ୍ୟା ମାମି ଦାସ ଜଣାଇଛନ୍ତି ଖଲ୍ଲିକୋଟ ଥାନା ଅଞ୍ଚଳର ସାକିରି, ଗୁହାରିଆପାଟ, ବରପଲ୍ଲୀ, କରାଖୋଲ, ବୁଢ଼ାନାଳ, ଗବଘାଇ ଭଳି ଆଦିବାସୀ ବହୁଳ ଅଞ୍ଚଳରୁ ସ୍ପିରିଟ ମିଶ୍ରିତ ମଦ ଗ୍ରାମର ବ୍ୟବସାୟୀମାନେ ଆଣି ତାକୁ ଏକ୍ସପାଇର ଔଷଧ, ପିଡ଼ିଆ ମିଶାଇ ନକଲି ମଦ ପ୍ରସ୍ତୁତ କରୁଛନ୍ତି। ଫଳରେ ଗ୍ରାମରେ ସ୍ଥିତି ଅଣାୟତ୍ତ ହେବା ସହ ରାହାଜାନି ବୃଦ୍ଧି, ମଦ୍ୟପମାନେ ଆସନ୍ନ ରୋଗାକ୍ରାନ୍ତ ହେବା ଆଶଙ୍କା ରହିଛି। ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ପ୍ରକାଶ କରିଛନ୍ତି ମଦ ମାଫିଆ ତଥା ବେଆଇନ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ପୁଲିସ ଧରିବାରେ ଜୋରଦାରରେ ଲାଗି ପଡ଼ିଛନ୍ତି। ବି.ବାହାଡ଼ାପଲ୍ଲୀ ଗ୍ରାମରେ ବ୍ୟବସାୟୀଙ୍କୁ ତୁରନ୍ତ ଗିରଫ କରାଯାଇ ଗ୍ରାମକୁ ମଦ ମୁକ୍ତ କରାଯିବ। ଅନ୍ୟପଟେ ରମ୍ଭା ଥାନା ଆଇଆସି କୁମାର ମୁଦୁଲି ଗ୍ରାମରେ ନକଲି ପ୍ରସ୍ତୁତ କରୁଥିବା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଦୁଇରୁ ଅଢେଇ ମାସ ଜେଲରୁ ଫେରିବା ପରେ ପୁଣି ଥରେ ମଦ ବିକ୍ରି ଜାରି ରଖିଥିବା ମହିଳାମାନେ ଅଭିଯୋଗ ବାଢିଛନ୍ତି। ଏହି ଅବସରରେ ସୁବଳୟା ପଞ୍ଚାୟତର ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ପ୍ରଭାକର ନାହାକ, ୱାର୍ଡ ସଭ୍ୟା ପ୍ରତିମା ନାହାକ ସମେତ ଗ୍ରାମର ଶତାଧିକ ମହିଳା ଥାନା ଘେରାଉରେ ସାମିଲ ହୋଇଥିଲେ।

# ଗାଁ ଭିତରେ ଚୋରା ମଦ ବନ୍ଦ କରିବାକୁ ମହିଳାଙ୍କ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଚୋରା ମଦ ବିକ୍ରି ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାର କୁପ୍ରଭାବ ପଡୁଛି। ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଗ୍ରାମରେ ବିକ୍ରି ହେଉଥିବା ଚୋରା ମଦ ବନ୍ଦ କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ରରେ ମହିଳାମାନେ ଜଣାଇଛନ୍ତି ଯେ, ଚୋରା ମଦ ବିକ୍ରି ହେବା ଯୋଗୁଁ ଗ୍ରାମର ଯୁବକ, ଯୁବତୀ ଏବଂ ମହିଳାମାନେ ଯାତାୟାତରେ ଅସୁବିଧା ଭୋଗିବା ସହ ଏହାକୁ ବନ୍ଦ କରିବା ପଇଁ ଦାବି କଲେ ଚୋରା ମଦ ବେପାରୀମାନେ ହତ୍ୟା କରିବା ପଇଁ ଧମକ ଦେଉଛନ୍ତି। ତୁରନ୍ତ ଏହି ଚୋରା ମଦ ବିକ୍ରି ବନ୍ଦ କରିବ ପାଇଁ ଗ୍ରାମର ରୋଜାଲିନ ସେଠୀ, ବାସନ୍ତୀ ସିଂହ, ରଶ୍ମିତା ନାଥ, ସରପଂଚ ନିର୍ମଳା ନାୟକ, ସୁମିତ୍ରା ପଣ୍ଡା, ବିଳାସିନୀ ଦାସ, ସୌଦାମିନୀ ଦାସ, ରଙ୍ଗଲତା ଦସ ପ୍ରମୁଖ ଦାବି କରିଛନ୍ତି।

# କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହେବ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶନିବାର ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ର ଆୟୋଜନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କଜାକିସ୍ତାନ, କିର୍ଗିସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳୀମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ ଦ୍ୱାରା ସ୍ୱୀକୃତ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା, କ୍ରୀଡ଼ାବିତ୍‌ମାନଙ୍କର ଆତିଥ୍ୟ, ରହଣି ଓ ସୁରକ୍ଷା ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରାଯାଇଛି। ଏଥିସହିତ ବିଗତ ଅକ୍ଟୋବର ୬ ତାରିଖରେ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଇତି ମଧ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମହାବିଦ୍ୟାଳୟ, ସପିଙ୍ଗ ମଲ୍ ଆଦିରେ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଲୋକମାନଙ୍କ ମଧ୍ୟରେ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ର ଆୟୋଜନକୁ ନେଇ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ ୱେବ୍‌ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ ୱେବ୍‌ସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।

# ଜଙ୍ଗଲ ଜମିକୁ ବେଆଇନ କବ୍‌ଜା କରିବା ନେଇ ଗ୍ରାମବାସୀଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଶ୍ରୀପୁରା ସ୍ଥିତ ଏକ ଘରୋଇ କମ୍ପାନୀ ଦ୍ୱାରା ଗ୍ରାମର ଜଙ୍ଗଲଜମିକୁ ବେଆଇନ ଭାବେ କବ୍‌ଜା କରି କମ୍ପାନୀ ପାଇଁ ରାସ୍ତା ତିଆରି ଓ ନିଜସ୍ୱ କାର୍ଯ୍ୟରେ ବ୍ୟବହାର କରିବା ବିରୁଦ୍ଧରେ ଶ୍ରୀପୁରା ଠାରେ ଗ୍ରାମବାସୀଙ୍କ ଦ୍ୱାରା କବ୍‌ଜା ରାସ୍ତା ଉପରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ପ୍ରକାଶଯୋଗ୍ୟ ଯେ ଏପସିଲନ କମ୍ପାନୀର ଏହି ପ୍ରକଳ୍ପ ପାଇଁ ୧୭୨.୦୯ ଏକର ଜମି ଆବଶ୍ୟକ ଥିବା ଜଣାପଡ଼ିଛି। ଏହି ଉଦ୍ଦେଶ୍ୟରେ ପରିବେଶଗତ ମଞ୍ଜୁରୀ ପାଇଁ ଜନ ଶୁଣାଣି ମଧ୍ୟ ଶେଷ ହୋଇ ସାରିଛି। ବର୍ତ୍ତମାନ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ଅବସ୍ଥାରେ ଅଛି। ପ୍ରକାଶଯୋଗ୍ୟ ଯେ ଏହି କମ୍ପାନୀ ପକ୍ଷରୁ ଗ୍ରାମର ଜଙ୍ଗଲଜମିକୁ ବେଆଇନ ଭାବେ କବଜା କରି ରାସ୍ତା ଉଦ୍ଦେଶ୍ୟରେ ବ୍ୟବହାର କରା ଯାଉଛି। ପୂର୍ବରୁ ଶ୍ରୀପୁରା ଗ୍ରାମ ଚାରିଆଡ଼େ ଅନେକ ଶିଳ୍ପ କାରଖାନା ଗଢ଼ି ଉଠିଥିବା ଯୋଗୁଁ ଗ୍ରାମର ଜମି ସଙ୍କୁଚିତ ହେବା ଏବଂ ଉତ୍କଟ ପ୍ରଦୂଷଣରୁ ରକ୍ଷା ପାଇବା ଏବଂ ପରିବେଶଗତ ଦୃଷ୍ଟିରୁ ନିଜ ଗ୍ରାମର ଜଙ୍ଗଲଜମି ଏବଂ ଅନ୍ୟ ଯେ କୌଣସି ଜମିକୁ ସୁରକ୍ଷିତ ରଖିବା ଏବଂ କୌଣସି କମ୍ପାନୀକୁ ହସ୍ତାନ୍ତର ନକରିବା ଉଦ୍ଦେଶ୍ୟରେ ନିଜ ଗ୍ରାମର ଗ୍ରାମସଭାରେ ମଧ୍ୟ ଏସମ୍ପର୍କରେ ପ୍ରସ୍ତାବ ଅନୁମୋଦନ ହୋଇଥିବା ବେଳେ, ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଜିଲ୍ଲାପାଳ, ଜଙ୍ଗଲ ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ସାଂସଦଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟ ପକ୍ଷରେ ଜଙ୍ଗଲର ସୁରକ୍ଷା ଦୃଷ୍ଟିରୁ 'ଏକ ପେଡ ମାଁ କେ ନାମ' ନାମରେ ଜଙ୍ଗଲ ବିଭାଗ ସହିତ ଗ୍ରାମବାସୀ ଉକ୍ତ ଜଙ୍ଗଲଜମିରେ ଏକ ହଜାର ବୃକ୍ଷ ରୋପଣ କରି ଏହାର ସୁରକ୍ଷା ଦୃଷ୍ଟିରୁ ବାଡ଼ ଦିଆଯାଇଥିଲା ଯାହା କମ୍ପାନୀ ବେଆଇନ ଭାବେ ବ୍ୟବହାର କରୁଥିବା ରାସ୍ତା ସଙ୍କୁଚିତ ହୋଇଯିବାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ କମ୍ପାନୀକୁ ସୁରକ୍ଷା ଦେବାକୁ ଯାଇ ବାଡ଼ ଏବଂ ରୋପଣ ହୋଇଥିବା ଗଛଗୁଡ଼ିକୁ ହଟାଇ ଦେଇଥିଲେ। ଏଣୁ ଗ୍ରାମବାସୀ କମ୍ପାନୀ ଦ୍ୱାରା ବେଆଇନ କବ୍‌ଜା ହୋଇଥିବା ଜଙ୍ଗଲଜମି ଉପରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ ସାମିଲ ହୋଇ କହିଥିଲେ ଯେ, ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ଯେ କୌଣସି ଜଙ୍ଗଲଜମିର ପରିବର୍ତ୍ତନ ଅବା ହସ୍ତାନ୍ତର ପୂର୍ବରୁ ସ୍ଥାନୀୟ ଗ୍ରାମସଭା ଦ୍ୱାରା ଅନୁମୋଦନ ଆବଶ୍ୟକ ଅଟେ। କିନ୍ତୁ ଏ କ୍ଷେତ୍ରରେ ଗ୍ରାମସଭାର କୌଣସି ଅନୁମୋଦନ ନହୋଇ ଉକ୍ତ କମ୍ପାନୀ ଦ୍ୱାରା ବ୍ୟବହାର କରାଯିବା ବେଆଇନ ଅଟେ। ଉକ୍ତ ଆଇନ ଅନୁଯାୟୀ ପାରମ୍ପରିକ ଭାବେ ନିଜ ଗ୍ରାମ ମଧ୍ୟରେ ବା ସୀମା ବାହାରୁ ସଂଗ୍ରହ ହୋଇ ଆସୁଥିବା ଲଘୁବନ ଜାତ ଦ୍ରବ୍ୟର ମାଲିକାନା, ସଂଗ୍ରହ, ବ୍ୟବହାର, ଜଙ୍ଗଲ ଭିତରେ ଚାଷ, ବାସ , ଜୀବିକା ଉପାର୍ଜନ ପ୍ରଭୃତି ନିମନ୍ତେ ଅଧିକାର ପ୍ରଦାନ କରିଛି। ଜଙ୍ଗଲ ଅଧିକାର ଆଇନର ଧାରା ୫ ଅନୁଯାୟୀ ଯେ କୌଣସି ଜଙ୍ଗଲ ଅଧିକାରର ଧାରକ ହେଉଛି ଗ୍ରାମସଭା। ଏଣୁ ଏହାର ସୁରକ୍ଷା, ସଂରକ୍ଷଣ, ଏବଂ ପରିଚାଳନା ଗ୍ରାମସଭା କରିବ। କିନ୍ତୁ ସରକାର ଏବଂ ସ୍ଥାନୀୟ ପ୍ରଶାସନ କମ୍ପାନୀମାନଙ୍କ ପାଇଁ ଏହି ଆଇନକୁ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତି ପାଣ୍ଡେ, ଜିଲ୍ଲାପରିଷଦ ଦିଗାମ୍ବର ଭୋଇ, ନାଏବ ସରପଞ୍ଚ ସୁଦୀପ୍ତ ପାଢ଼ୀ, ସରୋଜ କୁମାର କାଲୋ, ସରୋଜ ପାତ୍ର, ବିନୋଦ ଢିଲା, ଉପେନ୍ଦ୍ର ତ୍ରିପାଠୀ, ବିକ୍ରମ ପାଢ଼ୀ, ରଞ୍ଜିତ ତ୍ରିପାଠୀ, ପ୍ରଭାତ ପାଢ଼ୀ, ପୂର୍ବତନ ଜିଲ୍ଲାପରିଷଦ ମିନତୀ ପାତ୍ର, ଯଜ୍ଞସେନୀ ଭୋଇ, ବିଜୟା ଢିଲା, ଜୟନ୍ତୀ କାଲୋ, ରାମେଶ୍ୱରୀ ପଣ୍ଡା, ଜ୍ୟୋସ୍ନା ଭୋଇ ପ୍ରଭୃତି ନେତୃବୃନ୍ଦଙ୍କ ସହିତ ଗ୍ରାମର ଶତାଧିକ ଲୋକ ଯୋଗଦାନ କରିଥିଲେ। କମ୍ପାନୀର ବେଆଇନ ଜଙ୍ଗଲଜମି ଦଖଲ ବିରୁଦ୍ଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଛି।



# ରାଜ୍ୟରେ ଦେଢ଼ବର୍ଷରେ ୪୫୪୪ ମହିଳା ଦୁଷ୍କର୍ମର ଶିକାର

- ୧୪ ମାସରେ ୩୭,୬୧୧ ନାରୀ ନିର୍ଯାତନା ମାମଲା
- ୧୫ ମାସରେ ୧୫ ଜଣଙ୍କ ଆତ୍ମାହୁତି
- ଜୀବନ ହରାଇଛନ୍ତି ୨୨ ଛାତ୍ରଛାତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ୧୪ ମାସରେ ରାଜ୍ୟରେ ୩୭ ହଜାର ୬୧୧ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ଏଥିରେ ୯୧୮୧ଟି ଅସଦାଚରଣ ମାମଲା ରହିଛି। ସେହିପରି ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ୪୫୪୪ ଜଣ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟକ ଅରୁଣ ସାହୁଙ୍କ ଭିନ୍ନ ଭିନ୍ନ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ଅବଧି ମଧ୍ୟରେ ରାଜ୍ୟରେ ୨୯୩୩ଟି ଦୁଷ୍କର୍ମ, ୧୨୭୮ଟି ଯୌନ ନିର୍ଯାତନା, ୮୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି। ସେହିପରି ୫୪୬୪ଟି ଦୁଷ୍କର୍ମ ଘଟଣାରେ ୩୮୦୫ ଜଣ ପୁରୁଷ ଏବଂ ୫୭ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୪ ଜଣଙ୍କୁ ଦଣ୍ଡବିଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ମହିଳା ଅସଦାଚରଣ ମାମଲା ବୃଦ୍ଧି ପାଇଛି। ୪୪ଟି ଯୌତୁକ ଜନିତ ଆତ୍ମହତ୍ୟା, ୨୨୧୬୧ଟି ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର, ୧୨୭୮ ଯୌନ ନିର୍ଯାତନା, ୨୨୪ଟି ଶାରୀରିକ ସମ୍ପର୍କ ରଖି ବିବାହ ନ କରିବା ଆଦି ମାମଲା ରୁଜୁ ହୋଇଛି। ସେହିପରି ରାଜ୍ୟରେ ମହିଳା ବିରୋଧୀ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ୍ୟ ଜୋର୍ ବଢ଼ିଛି। କିଏ ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷ କରି ଗତ ୧୫ ମାସରେ ରାଜ୍ୟରେ ୧୫ ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯାତନା ମାମଲା ବଢ଼ୁଛି। ଏ ସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଲାଙ୍ଗୀ, ଜଟଣୀ, ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ତବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ଏଥି ସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍ ଅଫ୍ ଫ୍ୟାକ୍ଟ କରାଯାଇଛି। ସେହିପରି ଭାବେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ଗତ ୧୫ ମାସ ମଧ୍ୟରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଏଭଳି ଉଦ୍‌ବେଗଜନକ ତଥ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସୂଚନା ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏସବୁ ଆତ୍ମହତ୍ୟା ଘଟଣା ଘଟିଛି। ରାୟଗଡ଼ାରେ ସର୍ବାଧିକ ୪ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ଭୁବନେଶ୍ୱରର ଏକ ବିଶ୍ୱବିଦ୍ୟାଳୟରେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

# ‘କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ରାଜ୍ୟରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ’

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ପାଇଁ କାର୍ଯ୍ୟ କରି ଆସୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଉଦ୍‌ଯାପନ ସମାରୋହ ବୁଦ୍ଧ ମନ୍ଦିର ସଭା କକ୍ଷରେ ଅନୁଷ୍ଠାନର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଐର ଖାରବେଳ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଓଡ଼ିଆ ମାନଙ୍କର ରାଜ୍ୟର ବିସ୍ତୃତ ଆକାର ଆଜି କିପରି ସଙ୍କୁଚିତ କଳେବରରେ ଓ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିଭିନ୍ନ ସ୍ତରରେ ଯେପରି ଗୁରୁତ୍ୱ ଦେବା ଆବଶ୍ୟକ ତା'ର ଅଭାବ ଇତ୍ୟାଦି ବିବିଧ ପ୍ରମାଣ ସହ ଉପସ୍ଥାପନ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ।

ସାରଳା ମହାଭାରତରେ ବ୍ୟବହୃତ ଶବ୍ଦ ସମୂହ ହିଁ ସୂଚନା ଦେଇଥାନ୍ତି ତତ୍କାଳୀନ ଓଡ଼ିଶାର ବିଶାଳ ପରିଧି ସମ୍ପର୍କରେ। ବର୍ତ୍ତମାନର ପିଢ଼ି ଯେପରି ମାତୃଭାଷା ବିମୁଖ ହେଉଛନ୍ତି, ତାହା ଉଦ୍‌ବେଗଜନକ ବୋଲି ଶ୍ରୀ ମିଶ୍ର କହିଥିଲେ।

ଉତ୍ସବରେ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଶାସକ କବି ଅଲେଖ ଚନ୍ଦ୍ର ପଢିଆରୀ ଓ କୋଟିଆ ଅଞ୍ଚଳର ଭାଷାପ୍ରେମୀ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ତଥା ଆମ ନିଜ ରାଜ୍ୟ ଓଡ଼ିଶାରେ ମାତୃଭାଷା ଓଡ଼ିଆ କିପରି ସମୃଦ୍ଧ ହେବ ସେଥି ନିମନ୍ତେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ତଥା ବିନା ସରକାରୀ ଅନୁଦାନରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଯେପରି ଦୀର୍ଘ ଦିନ ଧରି ମାତୃଭାଷାର ସୁରକ୍ଷା ପାଇଁ କାମ କରୁଛି ତା'ର ଭୂୟସୀ ପ୍ରଶଂସା କରିଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ନ୍ୟାସୀ ମଣ୍ଡଳର କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲା ବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟା ସମ୍ପର୍କରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସମବାୟବିତ୍ ଅମ୍ବିକା ପ୍ରସାଦ ଦାସ ଓ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସରୋଜ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ଏବଂ ପର୍ଶୁରାମ ଦ୍ୱିବେଦୀଙ୍କ ରଚିତ ‘ଆମ ବିଚ୍ଛିନ୍ନାଞ୍ଚଳ’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସଭାଟିକୁ ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନଳିନୀ କୁମାର ମହାପାତ୍ର ଭଜନ ଗାନ କରିଥିଲେ। ଉକ୍ତ ସଭାରେ ବିରଜା ପ୍ରସାଦ ଶତପଥୀ, କୈଳାଶ ଚନ୍ଦ୍ର ରଥ, ବିମଳା ସିଂ, ଡକ୍ଟର ଆରତି କର, ଡକ୍ଟର ପ୍ରଫୁଲ୍ଲ ରଥ, ପୀତବାସ ରାଉତରାୟ, ସୁକାନ୍ତ ପ୍ରଧାନ, ପୁଣ୍ୟ ପ୍ରଦୀପ ମିଶ୍ର, ଡକ୍ଟର ପ୍ରେମଲତା ଦେବୀ ପ୍ରଭୃତି ଅନେକ ଭାଷା ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇଏଏସ୍ ସ୍ତରରେ ...

ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କୁ ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି।

ଗିରିଶ ଏସ୍.ଏନ୍‌ଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ବିଭାଗର ନିର୍ଦ୍ଦେଶକ ପଦରେ ନିଯୁକ୍ତି ମିଳିଛି। ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

୨୦୧୫ ବ୍ୟାଚର ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିବା ବେଳେ ୨୦୧୫ ବ୍ୟାଚର ଆଇଏଏସ୍ ମଧୁସ୍ମିତା ସାମଲ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ ହୋଇଛନ୍ତି। ସଞ୍ଜୟ ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ସଚିବ ଓ ବରିଷ୍ଠ ଓଏଏସ କାହ୍ନୁଚରଣ ଧୀରଙ୍କୁ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି।

## ଓଡ଼ିଶା ସରକାରଙ୍କୁ ...

ବିଷୟରେ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତିନି ପରୀକ୍ଷାର୍ଥୀଙ୍କ କ୍ୟାରିଅର ପ୍ରଭାବିତ ହୋଇଥିବାରୁ ଓଡ଼ିଶା ସରକାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଆଇନଜୀବୀ ତ୍ରିପାଠୀ ଉଲ୍ଲେଖ କରିଥିଲେ। ଆବେଦନକାରୀଙ୍କ ଯୁକ୍ତିରେ ସହମତି ପ୍ରକାଶ କରି ଖଣ୍ଡପୀଠ ପ୍ରତ୍ୟେକ କ୍ଷତିଗ୍ରସ୍ତଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଣ୍ଡା ଉତ୍ପାଦନର ...

ପାଇଁ ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲାରେ ଯୁବ ଉଦ୍ୟୋଗୀମାନେ ଆଗେଇ ଆସିବାକୁ ଶ୍ରୀ ମନ୍ତ୍ରୀ ଆହ୍ୱାନ କରିଥିଲେ ।

କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଅଣ୍ଡା ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ କରାଇବାର ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ନିର୍ଦ୍ଦେଶକ ହାଡିବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ, ପ୍ରତି ବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଶୁକ୍ରବାର ଦିନ “ବିଶ୍ୱ ଅଣ୍ଡା ଦିବସ” ପାଳନ କରାଯାଏ । ଅଣ୍ଡାର ଖାଦ୍ୟଗୁଣ ଓ ଏହାର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଉଅଛି । ଚଳିତ ବର୍ଷର ଥିମ୍ ରହିଛି “ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୋଷଣରେ ଭରପୂର ।”

“ବିଶ୍ୱ ଅଣ୍ଡା ଦିବସ” ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଅଣ୍ଡାର ଉପାଦେୟ ଗୁଣ ବିଷୟରେ ପିଲାମାନଙ୍କୁ ସଚେତନ କରାଯାଇଥିଲା । ୟୁନିଟ-୧, ୟୁନିଟ-୨, ୟୁନିଟ-୯, ସିଆରପି ଓ କ୍ୟାପିଟାଲ ହାଇସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହା ବ୍ୟତୀତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଅନାଥାଶ୍ରମରେ ଅନ୍ତେବାସୀମାନଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା ।

## ୪ବର୍ଷ ପରେ...

ବୈଷୟିକ ମିଶନକୁ ଭାରତୀୟ ଦୂତାବାସର ମାନ୍ୟତା ଦିଆଯାଇଛି।

ତାଲିବାନ ବୈଦେଶିକ ମନ୍ତ୍ରୀ ଏବଂ ତାଙ୍କ ପ୍ରତିନିଧିମଣ୍ଡଳୀକୁ ଭାରତକୁ ସ୍ୱାଗତ କରି ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସେମାନଙ୍କ ଗସ୍ତକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଉନ୍ନତ କରିବା ଏବଂ ସ୍ଥାୟୀ ବନ୍ଧୁତାକୁ ପୁନଃନିର୍ମାଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛନ୍ତି। ତାଙ୍କ କହିବା ମୁତାବକ, ଏକ ନିକଟତମ ପଡ଼ୋଶୀ ଏବଂ ଆଫଗାନ ଲୋକଙ୍କ ଶୁଭେଚ୍ଛୁ ଭାବରେ ଭାରତ, ଆଫଗାନିସ୍ତାନର ବିକାଶ ଏବଂ ପ୍ରଗତିରେ ଗଭୀର ଆଗ୍ରହୀ। ଭାରତ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଭୂମିକମ୍ପ ଭଳି ବିପର୍ଯ୍ୟୟ ସହାୟତା କିମ୍ବା ଆଫଗାନ ଲୋକଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକାରରେ ସହାୟତା ପ୍ରଦାନ କରି ଆସିଛି।

## ୯ ଜଣିଆ ଗ୍ୟାଙ୍ଗକୁ ...

ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି।

ସୂଚନା ଅନୁସାରେ, ଟାଉନ ଥାନା ଅନ୍ତର୍ଗତ ନରଣପୁରର ଘଡ଼ଘଡ଼ି ମନ୍ଦିର ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଏକାଠି ହୋଇ ବ୍ୟାଙ୍କ ଲୁଟ୍ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ଗ୍ୟାଙ୍ଗର ମୁଖ୍ୟ ଗଣେଶ ଗିରି ଏହାର ମାଷ୍ଟରମାଇଣ୍ଡ ଥିଲା। ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଗୁରୁବାର ବିଳମ୍ବିତ ରାତିରେ ସେଠାରେ ଚଢ଼ଉ କରି ୯ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୫ଟି ୭.୬୫ ଏମଏମ ବନ୍ଧୁକ, ୭ଟି ମାଗାଜିନ, ୨୫ଟି ଗୁଳି, ୪ଟି କାଟ୍ରିଜ କେସ୍, ଗୋଟିଏ ଥାର ଗାଡ଼ି, ୨ଟି ଖଣ୍ଡା, ୨ଟି କଟୁରୀ, ଗୋଟିଏ ଆଇରନ ରଡ, ୫ଟି ବିଅର ବୋତଲ, ଚିଲମ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରିଛି ପୋଲିସ।

ପ୍ରାରମ୍ଭିକ ତଦନ୍ତରୁ ଗଣେଶ ନରଣପୁରସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଡକାୟତି ପାଇଁ ଏହି ଯୋଜନା କରୁଥିବା ଜଣାପଡ଼ିଛି। ଗଣେଶ ନାଁରେ ବିଭିନ୍ନ ଥାନାରେ ୩୭ଟି ମାମଲା ରହିଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତମାନେ କେଉଁ କେଉଁ ମାମଲାରେ ଜଡ଼ିତ ରହିଛନ୍ତି ତାହାର ତଦନ୍ତ କରୁଛି ପୋଲିସ।

## ସ୍ୱଚ୍ଛ ଓଡ଼ିଶା...

ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ୧୯,୯୪୧ କୋଟି ମଞ୍ଜୁର କରାଯାଇଛି । ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ୧୭୯୦ କୋଟି ମଞ୍ଜୁର କରାଯାଇଛି । ଓଡ଼ିଶା ଜନବିଶ୍ୱାସ ଅଧ୍ୟାଦେଶ ୨୦୨୫କୁ ଅନୁମୋଦନ ମିଳିଥିବା ମୁଖ୍ୟସଚିବ ସୂଚନାଦେଇଥିଲେ। ସେହପରି ଛୋଟ ଅପରାଧରେ ଏବେ ଦଣ୍ଡ ବଦଳରେ ଅପରାଧୀ କେବଳ ଜରିମାନା ଦେବେ ବୋଲି କୁହାଯାଇଛି।

## ନକ୍ସଲ ହିଂସା...

ମୋହନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ମେଡିକାଲରେ ମୋହନ ଚିକିତ୍ସିତ ହେଉଥିବା ଜଣାପଡିଛି।

ତେବେ ନକ୍ସଲ ସବୁବେଳେ ଜନତାକୁ ଟାର୍ଗେଟ କରି ହତ୍ୟା କରୁଥିବା ଯୋଗୁଁ ଲୋକେ ଏଥର ନକ୍ସଲଙ୍କୁ ଆଉ ସମର୍ଥନ କରିବେ ନାହଁ ବୋଲି ସଫା ସଫା କହିଛନ୍ତି। ସ୍ଥାନୀୟ ଆଦିବାସୀମାନେ ନକ୍ସଲଙ୍କ ଏହି ଆକ୍ରମଣକୁ ଘୋର ନିନ୍ଦା କରିବା ସହ ନକ୍ସଲ ସହ ଦରକାର ପଡିଲେ ଲଢିବେ ବୋଲି କହିଛନ୍ତି। ଯାହାକୁ ନେଇ ପୁଲିସ ଏବେ ଆଶ୍ୱସ୍ତି ଲାଭ କରିଛି। ଜନସାଧାରଣ ନକ୍ସଲଙ୍କର ଏଭଳି ହିଂସାକାଣ୍ଡ ସଂପର୍କରେ ଅବଗତ ହେଲେଣି ବୋଲି ପୁଲିସ କହିଛି।

## ଇ-ଚାଲାଣ...

ଜରିମାନାରେ ରାଜ୍ୟ ସରକାର ବଡ଼ କୋହଳ କରିଛନ୍ତି। କୌଣସି ପରିସ୍ଥିତିରେ ଚାଲାଣ କଟିଥିବା ଲୋକଙ୍କୁ ଜରିମାନାର ୫୦ ପ୍ରତିଶତ ପୈଠ କରିବାକୁ ହେବ। ଚଳିତ ବର୍ଷ ଜୁଲାଇ ୩୧ ତାରିଖ ପୂର୍ବରୁ ଯଦି କୌଣସି ବ୍ୟକ୍ତିଙ୍କର ଚାଲାଣ କଟିଛି, ଏଥି ପାଇଁ ମୋଟ୍ ପରିମାଣର ୫୦ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଦ୍ୱାରା ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଆବଶ୍ୟକତା ଠାରୁ ଅଧିକ ଏବଂ ବିନା ବୈଧ ଲାଇସେନ୍ସରେ କଟିଥିଲେ ୫,୦୦୦ ଟଙ୍କା ବଦଳରେ ୨,୫୦୦ ଟଙ୍କା ପୈଠ କରିବେ। ସେହିପରି ବୈଧ ଲାଇସେନ୍ସ ବିନା ଗାଡ଼ି ଚଲାଇ ୫,୦୦୦ ଟଙ୍କାର ଚାଲାଣ କଟିଥିଲେ ୨,୫୦୦ ଟଙ୍କା ଦେବାକୁ ପଡ଼ିବ।

ଡ୍ରାଇଭର ଅଥବା ପାସେଞ୍ଜର ବିନା ସିଟ୍ ବେଲ୍ଟରେ ଯାତ୍ରା ସମୟରେ ଚାଲାଣ କଟିଥିଲେ ୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା, ବାଇକ୍‌ରେ ଆବଶ୍ୟକତା ଠାରୁ ଅଧିକ ଯାଉଥିବା ଅଭିଯୋଗରେ କଟିଥିବା ଚାଲାଣର ୧,୦୦୦ ଟଙ୍କା ବଦଳରେ ୫୦୦ ଟଙ୍କା ଦେବାକୁ କୁହାଯାଇଛି। ସେହିପରି ବିନା ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଳାଉଥିବା ନେଇ ୧,୦୦୦ ଟଙ୍କା ଚାଲାଣ କଟିଥିଲେ ୫୦୦ ଟଙ୍କା ଦେବାକୁ ପଡ଼ିବ ବୋଲି କୁହାଯାଇଛି।

ପରିବହନ ବିଭାଗର ବିଜ୍ଞପ୍ତିରେ କୁହାଯାଇଛି ଯେ, ଜରୁରୀକାଳୀନ କାମରେ ଥିବା ଗାଡ଼ିକୁ ଯିବାକୁ ଦିଆ ନଯିବା କାରଣରୁ ୧୦,୦୦୦ ଟଙ୍କା ଜରିମାନା ହୋଇଥିଲେ, ୫୦୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ସେହିପରି ବିନା ବୀମାରେ ପରିବହନ ବିଭାଗ ହାତରେ ଧରାପଡ଼ିବା କାରଣରୁ ୨୦୦୦ ଟଙ୍କା ଜରିମାନା ଲାଗିଥିଲେ ୧୦୦୦ ଟଙ୍କା ଦେବାକୁ ହେବ।

# ମୋବାଇଲ ଛିନ୍‌ତାଇ ଗ୍ୟାଙ୍ଗକୁ ଧରିଲା ପୁଲିସ : ୨ ଗିରଫ, ୨୪ ମୋବାଇଲ ଜବତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ମୋବାଇଲ ଫୋନ ଛିନତାଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛନ୍ତି। ଗ୍ୟାଙ୍ଗର ୨ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୪ଟି ଛିନତାଇ ମୋବାଇଲ ଜବତ କରାଯାଇଛି। ଏନେଇ ଗୁରୁବାର ବାରିପଦା ଟାଉନ ଥାନାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲାର ତିନିପାହାଡ଼ ଥାନା ଅଞ୍ଚଳର ଅମ୍ରିତ କୁମାର ମହାନ୍ତ (୩୩) ଓ ମିର୍ଜାଚୌକ ଥାନା ଅଞ୍ଚଳର ଗଙ୍ଗା ନୋନିଆ (୨୫)। ବାରିପଦା ସହରରେ ଛିନତାଇ ମାତ୍ରା ବୃଦ୍ଧି ପାଇଛି। ଇତି ମଧ୍ୟରେ ଗତ ଅକ୍ଟୋବର ୭ତାରିଖରେ ବାରିପଦା ସଦର ଥାନା ଅନ୍ତର୍ଗତ ସାନଡାକୋଇ ଗ୍ରାମର ବାଲକରାମ ସୋରେନ ସ୍ଥାନୀୟ କଚେରୀ ପରିବା ମାର୍କେଟକୁ ଆସିଥିଲେ। ପରିବା କିଣିବା ସମୟରେ ଦୁର୍ବୃତ୍ତମାନେ ସୁଯୋଗ ଦେଖି ତାଙ୍କ ମୋବାଇଲ ଫୋନକୁ ଛିନତାଇ କରି ବାଇକ ଯୋଗେ ଚମ୍ପଟ ମାରିଥିଲେ। ସେ ଅନେକ ଚେଷ୍ଟା କରିଥିଲେ ସୁଦ୍ଧା ତାଙ୍କୁ ଧରି ପାରିନଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ସହରର ସିସି ଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ବହୁ ଖୋଜା ଖୋଜି ପରେ ତକତପୁର ଅଞ୍ଚଳରୁ ଦୁଇ ଜଣ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ସଫଳ ହୋଇଥିଲେ। ସେମାନଙ୍କୁ ଅଧିକ ପଚାର ଉଚରା କରିବାରୁ ଛିନତାଇ ହୋଇଥିବା ୨୪ଟି ମୋବାଇଲ ଉଦ୍ଧାର ହୋଇଛି। ସେମାନେ ଉକ୍ତ ମୋବାଇଲ ଗୁଡ଼ିକ ଛିନତାଇ କରି କଲିକତା କିମ୍ବା ଅନ୍ୟ ମୋବାଇଲ ଦୋକାନୀମାନଙ୍କୁ ବିକୁଥିବାର ଜଣାପଡ଼ିଛି। ଉକ୍ତ ଚୋରା ମୋବାଇଲକୁ ଦୋକାନୀମାନେ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କହି ଗ୍ରାହକମାନଙ୍କୁ ଠକି ବିକ୍ରି କରୁଥିବାର ଜଣାପଡ଼ିଛି। ଉକ୍ତ ଛିନତାଇ ମୋବାଇଲ ଗୁଡ଼ିକର ଆଇଏମଇ-ଆଇ ନମ୍ବର ଯାଞ୍ଚ କରିବା ପାଇଁ ପୁଲିସ ପକ୍ଷରୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ପ୍ରମାଣ ସହ ମୋବାଇଲକୁ ମାଲିକଙ୍କୁ ଫେରସ୍ତ କରାଯିବ ବୋଲି ଜଣାପଡ଼ିଛି। ଏନେଇ ବାରିପଦା ଟାଉନ ଥାନାରେ କେଶ ନମ୍ବର ୬୦୬/୨୫ରେ ଏକ ମାମଲା ରୁଜୁ କରି ଦୁଇ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଗ୍ୟାଙ୍ଗରେ ଅନ୍ୟ ସମ୍ପୃକ୍ତ ମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ନେଇ ସୂଚନା ପ୍ରଦାନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ସୋରେନଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ୫୩ନଂ ଜାତୀୟ ରାଜପଥରେ ଦୁର୍ଘଟଣା : ବାଇକ୍ ଆରୋହୀ ମୃତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଚଢେଇ ଧରା ନିକଟରେ ଏକ ବୋଝେଇ ଟ୍ରକ୍ ବାଇକ୍ ଉପରେ ଚଢି ଯିବାରୁ ବାଇକ୍ ଚାଳକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ଣରେ ଛତିଆ ଚମ୍ପାପୁର ଅଞ୍ଚଳର ଅଲେଖ ତରାଇ (୨୮) ବାଇକ୍‌ରେ ନିଜ ମାମୁଘର ଜେନାପୁର ଥାନା କଣ୍ଟାପାଟଣା ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଟ୍ରକ୍‌ଟି ବାଇକ୍ ଉପରେ ଚଢିଯିବାରୁ ଘଟଣା ସ୍ଥଳରେ ଅଲେଖର ମୃତ୍ୟୁ ଘଟିଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଜେନାପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ଘଟଣାର ତଦନ୍ତକରୁଛି।

## ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ସ୍କୁଲରେ ତାଲା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କ୍ଲାସ ରୁମ୍ ବଦଳରେ ସ୍କୁଲ ଗେଟ ଆଗରେ ବସିଛନ୍ତି ପିଲା। ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ଦାବୀରେ ସ୍କୁଲରେ ପଡ଼ିଛି ତାଲା। ଶୁକ୍ରବାର ସ୍କୁଲ ଗେଟ ଆଗରେ ଆନ୍ଦୋଳନ କରିବା ସହ ଗେଟ୍‌ରେ ତାଲା ପକାଇ ବସିଛନ୍ତି ଗ୍ରାମବାସୀ। ଏପରିକି କୌଣସି ଶିକ୍ଷକଙ୍କୁ ମଧ୍ୟ ସ୍କୁଲକୁ ଛାଡୁ ନାହାନ୍ତି। ଶିକ୍ଷକଙ୍କ ବଦଳି ବାତିଲ୍ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆ ଯାଇଛି। ଏଭଳି ଘଟଣା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଶାରୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ଶିକ୍ଷକ ତ୍ରିନାଥ ହରିଜନଙ୍କ ଭୂମିକା ରହିଛି। ଏଣୁ ତାଙ୍କ ବଦଳି ବାତିଲ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଜିଦରେ ଅଟଳ ରହିଛନ୍ତି । ସେପଟେ ପ୍ରଧାନ ଶିକ୍ଷକ କହିଛନ୍ତି ସେ ସରକାରୀ ନିୟମରେ ବନ୍ଧା। ଯାହା ନିର୍ଦ୍ଦେଶ ଆସିବ ତାହା ପାଳନ କରାଯିବ ।

# ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରୁଛି ଏକ ଜିଲ୍ଲା ଏକ ଉତ୍ପାଦ

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

“ଏକ ଜିଲ୍ଲା ଏକ ଉତ୍ପାଦ” (ଓଡିଓପି) ପଦକ୍ଷେପ ଉତ୍ପାଦକଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରୁଛି। ସନ୍ତୁଳିତ ଆଂଚଳିକ ବିକାଶ ସହ ସମସ୍ତ ଜିଲ୍ଲାର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଏହା ଲକ୍ଷ୍ୟ ରଖିଛି ବୋଲି “ଏକ ଜିଲ୍ଲା ଏକ ଉତ୍ପାଦ” କ୍ଷମତା ବିକାଶ କର୍ମଶାଳାରେ ଆଜି ଏହି ମତ ପ୍ରକାଶ ପାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧୀନ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର୍ ଠାରେ ଆୟୋଜିତ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ଏହା ସହ ସମ୍ପୃକ୍ତ ଅଧିକାରୀମାନଙ୍କ ଜ୍ଞାନ ବୃଦ୍ଧି କରିବା ଏବଂ “ଏକ ଜିଲ୍ଲା ଏକ ଉତ୍ପାଦ” ଇକୋସିଷ୍ଟମ୍ କୁ ଅଧିକ ଶକ୍ତିଶାଳୀ କରିବା । କାର୍ଯ୍ୟକ୍ରମର ଆରମ୍ଭରେ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦକୁ ଚିହ୍ନଟ କରି ସେଗୁଡିକର ପ୍ରୋତ୍ସାହନ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ଟ୍ରେଡ୍ ସେଂଟର୍ ଆଞ୍ଚଳିକ ନିର୍ଦ୍ଦେଶିକା ଶ୍ରୀମତୀ ନିମେଶିକା ନଟରାଜନ ରପ୍ତାନି ବୃଦ୍ଧି ଏହାର ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ ।

# ଗୋପବନ୍ଧୁ ଫାଉଣ୍ଡେସନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୋପବନ୍ଧୁ ଫାଉଣ୍ଡେସନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଉତ୍ସବ ୟୁନିଭରସିଟି ହାଇସ୍କୁଲ, ବାଣୀବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସବିତା ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ମୁଖ୍ୟବକ୍ତା ରୂପେ ଓଡ଼ିଆ ଭାଷା ଗବେଷକ ଅମ୍ବରିଶ ଶତପଥୀ ଯୋଗଦାନ କରି ଗୋପବନ୍ଧୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଜୟନ୍ତୀ ଉତ୍ସବରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନତୁଣୀବୋହୂ ରେଣୁବାଳା ମିଶ୍ର ଉପସ୍ଥିତ ଥିଲେ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ଏହି ଜୟନ୍ତୀ ଉତ୍ସବରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରବନ୍ଧ ଓ କ୍ୱିଜ୍ ପ୍ରତିଯୋଗିତା କରାଯାଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୋପବନ୍ଧୁ ଫାଉଣ୍ଡେସନ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ସୁଦର୍ଶନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚକ୍ରଧର ତ୍ରିପାଠୀ ବିବରଣୀ ପାଠ କରିଥିଲେ ଓ ରାଜରାଜେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

CAD-1979

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୧୫୧ **ବିଜ୍ଞାପନ** ତା.୦୨.୯.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ବିଶ୍ୱନାଥ ପଲାଇ<br>ପିତା-୰ଜଗନ୍ନାଥ ପିଲାଇ<br>ସା-ଟାଟା ନଗର<br>କ୍ରସ୍ ରୋଡ୍-୩୧<br>ପୋ-ଟେଲ୍‌କୋ<br>ଥାନା ଟେଲ୍‌କୋ<br>ଜିଲ୍ଲା-ସୁନ୍ଦରଗଡ଼ | ଏଇ-୭୩ ଫ୍ଲାଟ୍<br>(AE-73) Flat<br>ବାସନ୍ତୀ ଇଡବ୍ଲୁଏସ୍ ଫ୍ଲାଟ୍<br>ଗୃହନିର୍ମାଣ ଯୋଜନା<br>ରାଉରକେଲା | ୧. ହେମ ପଲାଇ @ (ବି.ସ୍ତ୍ରୀ) ହେମଲତା ପିଲାଇ (ବି.ସ୍ତ୍ରୀ)<br>୨. ଆଶ ପିଲାଇ (ବି.ଝିଅ) @ ପୂର୍ଣ୍ଣିମା ପିଲାଇ<br>୩. ସୀମା ପିଲାଇ (ବି. ଝିଅ)<br>୪. ସନ୍ତୋଷ ପିଲାଇ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0880/2526

E-435

**ZILLA SWASTHYA SAMITI, BALANGIR**
**(Department of Health & FW, Govt. of Odisha)**

**EXPRESSION OF INTEREST**

Advt. No: 3404 Date: 09.10.2025

Expression of Interest are invited from reputed Agencies/Firms/Accredited Lab towards Selection of NABL Accredited Lab for Quality Testing of Linen & Water Samples at Public Health Institutions in Balangir district. Interested bidders fulfilling the eligible criteria may submit their proposals in the prescribed format to the O/O- CDM & PHO-cum-District Mission Director through speed post/registered post/courier only on or before 27.10.2025 till 5.00 p.m. Bid documents received after the scheduled date & time and received without relevant documents will summarily be rejected. The details of eligible criteria, terms of reference and formats for submission of bid as set forth in the tender document can be downloaded from the district website https://balangir.odisha.gov.in. The undersigned reserves the right to cancel any or all the tenders without assigning any reason thereof.

OIPR-10019/11/0022/2526 Sd/- CDM&PHO, Balangir

CAD-1987

obcc

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**

No.8767
File: SMT- 2073
Date: 09.10.2025

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of an Agency for Feasibility Study and preparation of DPR for various schools across Odisha under Aitihya Vidyalaya Scheme |
| 2. | Bid Identification No. of the Tender Document | 20/Tender/OBCC.2025-26 |
| 3. | Date of availability in e-procurement portal | from 14.10.2025 |
| 4. | Last Date & time of receipt of online bid | 06.11.2025 till 4.00 P.M. |
| 5. | Date of Opening of online technical bid | 06.11.2025 at 05:30 P.M |
| 6. | Period of completion | 06 Monts |
| 7. | Further details can be seen from the e-Procurement portal https://www.tendersodisha.gov.in. | |
| 8. | OBCC has the right to accept or reject the Notice/ RFP/Proposal without assigning any reasons thereof. | |

OIPR-34161/11/0030/2526 Sd/- Chief General Manager-II

ଭୁବନେଶ୍ୱର
୧୧ ଅକ୍ଟୋବର,
ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

### ୬୮ତମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀ

# ସମାନୁପାତିକ ମହିଳାଙ୍କ ପ୍ରତିନିଧିତ୍ୱରେ ସଂସଦୀୟ ବ୍ୟବସ୍ଥା ଆହୁରି ସଶକ୍ତ ହୋଇପାରିବ : ବାଚସ୍ପତି

ଭୁବନେଶ୍ୱର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ



ବାଚସ୍ପତି ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାର୍ବାଡୋସ୍ ଗସ୍ତରେ ଯାଇଥିବାବେଳେ ବ୍ରିଜଟାଉନଠାରେ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଶୀର୍ଷକ ଆଲୋଚନାରେ ନିଜ ବକ୍ତବ୍ୟରେ କହିଲେ ଯେ ବିଶ୍ୱରେ ଭାରତ ଏକ ବୃହତ ଗଣତନ୍ତ୍ର ହୋଇ ମଧ୍ୟ ୧୯୯୫ରେ ପାର୍ଲାମେଣ୍ଟରେ ୧୫ ପ୍ରତିଶତ ମହିଳା ପ୍ରତିନିଧିତ୍ୱ କରୁଥିବାବେଳେ ଆଜି ୩୦ ବର୍ଷ ପରେ ମଧ୍ୟ ଏହି ପ୍ରତିନିଧିତ୍ୱ ହାର ୨୭ ପ୍ରତିଶତରେ ରହିଛି। ଏହା ନିଶ୍ଚିତ ଭାବେ ଆମର ନେତୃତ୍ୱ ନେବା କ୍ଷେତ୍ରରେ ଆମର ଅସମାନତାକୁ ସୂଚାଉଛି। ଦେଶରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜାତୀୟ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଆଇନ ପ୍ରଣୟନ ହୋଇଛି।

ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ମହିଳାମାନେ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଉଦ୍ୟୋଗ ଜଗତଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ର, ବୈଷୟିକ କ୍ଷେତ୍ରଠାରୁ ମହାକାଶ ଅଭିଯାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ସଫଳ ସାବ୍ୟସ୍ତ ହୋଇପାରିଛନ୍ତି। ମହିଳା ସଶକ୍ତିକରଣ ହେଉଛି ସମୟର ଆହ୍ୱାନ ଓ ଆଜିର ଆବଶ୍ୟକତା। ଏହାକୁ ଏକ ଦାତବ୍ୟ କାର୍ଯ୍ୟ ବୋଲି ବିବେଚନା କରିବା ଅନୁଚିତ। ଏକ ସମୃଦ୍ଧ ରାଷ୍ଟ୍ରଗଠନରେ ମହିଳାମାନଙ୍କର ଅଂଶଗ୍ରହଣ ଓ ଭାଗିଦାରୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଓଡ଼ିଶାରେ ତୃଣମୂଳ ସ୍ତରରୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ବହୁତଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ କିଛି ଉତ୍ତମ ଅଭ୍ୟାସ ଓ ରଣନୀତି ଗ୍ରହଣ କରିବା ଦ୍ୱାରା ମହିଳାମାନେ କେବଳ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ତାହା ନୁହେଁ ନେତୃତ୍ୱ ନେବା କ୍ଷେତ୍ରରେ ମଧ୍ୟ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରିବେ। ଏଥି ପ୍ରତି ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଏହି ସମ୍ମିଳନୀରେ ୫୬ ଦେଶ ସଭ୍ୟ ଭାବରେ ରହିଥିବାବେଳେ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶଙ୍କ ସମେତ ପାର୍ଲାମେଣ୍ଟର ସଦସ୍ୟ, ୨୨ ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ମ୍ୟୁନିସିପାଲିଟି ଡିଲିଂ ଅଫିସର

ଜଳେଶ୍ୱର, ୧୦।୧୦:ନ୍ୟୁଜ୍‌ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟି ଡିଲିଂ ଅଫିସର ଭିଜିଲାନ୍ସ ଜାଲରେ। ଏକ ବିଲ୍ କରିବା ପାଇଁ ଆସିଷ୍ଟାଣ୍ଟ କ୍ଲର୍କ, ବିଲ୍ ପାସ୍ କରିବା ପାଇଁ ଜଣେକ ଠିକାଦାରଙ୍କ ନିକଟରୁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ। ଜଳେଶ୍ୱର ପୌରାଞ୍ଚଳ ଅଧିନସ୍ଥ ସ୍ୱଚ୍ଛ ସର୍ବେକ୍ଷଣର ବିଲ୍ ପାସ୍ କରିବା ପାଇଁ କୋଡ଼ିଏ ହଜାର ଟଙ୍କା ଦାବି କରିଥିଲେ ଡିଲିଂ ଅଫିସର ବ୍ରଜ ଗୋପାଳ ଘୋଷ ଏବଂ ଜୁନିୟର କ୍ଲର୍କ ରତିକାନ୍ତ ପାତ୍ର। ଏବାବଦରେ ଭିଜିଲାନ୍ସକୁ ଜଣାଇଥିଲେ ଠିକାଦାର ଜ୍ୟୋତି ମହାପାତ୍ର। ଏହି ଟିମ୍‌ରେ ଡିଏସପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ଛଅ ଜଣିଆ ଭିଜିଲାନ୍ସ ଟିମ୍ ଜଳେଶ୍ୱର ମ୍ୟୁନିସିପାଲିଟିରେ ପହଞ୍ଚି ଥିଲେ ଓ ରେଡ କରିଥିଲେ।

# ଦୁର୍ଗମ ଅଞ୍ଚଳରେ ଲୋକଙ୍କ ଗମନାଗମନକୁ ସହଜ କରୁଛି ପିଏମ ଜନମନ

ଭୁବନେଶ୍ୱର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ସଫଳତାର ସହିତ ଶେଷ କରିଛନ୍ତି। ରାଜ୍ୟର ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳରେ ଏହି ପ୍ରକଳ୍ପ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି। ରାୟଗଡ଼ା ଜିଲ୍ଲାର ତେଲଗୁଡୁଠାରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଦେବଗଡ଼ ଜିଲ୍ଲାର ପୂର୍ତ୍ତ ରାସ୍ତାଠାରୁ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଯୋଗୁଁ ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକଙ୍କୁ ନିରାପଦ ଓ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି ଏବଂ ସେମାନଙ୍କ ଜୀବନଯାପନରେ ଉନ୍ନତି ଦେଖାଦେଇଛି।

ରାୟଗଡ଼ା ଜିଲ୍ଲାରେ ୩୦ ମଇ ୨୦୨୫ରେ ସମାପ୍ତ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁଁ ତେଲଗୁଡୁ ଗ୍ରାମଠାରୁ ୨.୫ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି। ପୂର୍ବରୁ ଗ୍ରାମକୁ ଯିବା ପାଇଁ ଏକମାତ୍ର ରାସ୍ତା କାଦୁଅ ଏବଂ ବିପଦପୂର୍ଣ୍ଣ ଥିବାରୁ ବର୍ଷା ଋତୁରେ ଗ୍ରାମବାସୀମାନେ ନିକଟବର୍ତ୍ତୀ ପ୍ରମୁଖ ସହରରୁ ବିଚ୍ଛିନ୍ନ ରହୁଥିଲେ। ପିଲାମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଥିଲେ, ଚାଷୀମାନେ ଉଚିତ ସମୟରେ ସେମାନଙ୍କର ଫସଲ ବିକ୍ରି କରିପାରୁ ନଥିଲେ ଏବଂ ଯୋଗାଯୋଗ ଅଭାବରୁ ଜରୁରୀକାଳୀନ ଚିକିତ୍ସା ମଧ୍ୟ ମିଳିପାରୁ ନ ଥିଲା। ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଛି। ଏହି ନୂତନ ରାସ୍ତା ଯୋଗୁଁ ବର୍ଷସାରା ଗ୍ରାମକୁ ଯାନବାହାନ ପହଞ୍ଚିପାରିବ। ସ୍କୁଲରେ ପିଲାଙ୍କ ଉପସ୍ଥାନରେ ଉନ୍ନତି ଆସିପାରିବ, ଗର୍ଭବତୀ ମହିଳାମାନଙ୍କୁ ଏବେ ସୁରକ୍ଷିତ ଭାବରେ ଡାକ୍ତରଖାନାକୁ ନେଇହେବ ଏବଂ ଗ୍ରାମବାସୀମାନେ ନିକଟସ୍ଥ ବଜାର ଏବଂ ସରକାରୀ କାର୍ଯ୍ୟାଳୟକୁ ସହଜରେ ଯାତ୍ରା କରିପାରିବେ। ଚାଷୀମାନେ ଏବେ ପନିପରିବା, ଧାନ ଏବଂ ଜଙ୍ଗଲଜାତ ଦ୍ରବ୍ୟକୁ ଗୁଣୁପୁର ମଣ୍ଡିକୁ ନେଇପାରିବେ। ଏହା ଦ୍ୱାରା ସେମାନଙ୍କର ଆୟରେ ନିଶ୍ଚିତ ଭାବେ ବୃଦ୍ଧି ଘଟିବ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକ ଅନ୍ତର୍ଗତ ସିଆରିହୁଲିର ଦୂରବର୍ତ୍ତୀ ବସତିକୁ ସବୁଦିନିଆ ଯୋଗାଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପିଡବ୍ଲୁଡି ରାସ୍ତାଠାରୁ ସିଆରିହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ୧୪୧.୬୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨.୧୯୮ କିଲୋମିଟର ଦୀର୍ଘ ରାସ୍ତା, ମୁଖ୍ୟତଃ ପିଭିଟିଜି (ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ) ପରିବାର ବାସ କରୁଥିବା ଏହି ଆଦିବାସୀ ଗ୍ରାମକୁ ବର୍ଷସାରା ଯୋଗାଯୋଗ ସୁବିଧା ଯୋଗାଇ ଦେଇଛି। ଏହି ରାସ୍ତା ଜନଜାତି ସମ୍ପ୍ରଦାୟ ପାଇଁ ଏକ ଜୀବନରେଖା ପାଲଟିଛି। ଏହା ଦ୍ୱାରା ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ ହୋଇପାରିଛି। ଗ୍ରାମବାସୀ ମାନେ ଏବେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ପାଇବା ସହ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ଉନ୍ନତ ଯୋଗାଯୋଗ ସୁବିଧା ଯୋଗୁଁ ବ୍ୟବସାୟୀ ଏବଂ ସେବା ପ୍ରଦାନକାରୀ ମାନେ ଏବେ ଗାଁରେ ପହଞ୍ଚି ପାରୁଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରୁଛି।

### ଟାଇମ୍‌ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ-୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ବିଶ୍ୱ ତଥା ସର୍ବଭାରତୀୟସ୍ତରରେ ତା'ର ସ୍ଥାନରେ ଉନ୍ନତି ଆଣିଛି। ଗୁରୁବାର ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ-୨୦୨୬ ପ୍ରକାଶିତ ହୋଇଥିବା ବେଳେ ଏଥିରେ କିଟ୍ ଅତ୍ୟଧିକ ଭଲ ପ୍ରଦର୍ଶନ କରିଛି। ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ମଧ୍ୟ ରହିଛି। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଭାରତରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସେସ୍ (ଆଇଆଇଏସ୍) ଏହି ର୍‍ୟାଙ୍କିଙ୍ଗର ପ୍ରଥମ ସ୍ଥାନରେ ରହିଥିବା ବେଳେ କିଟ୍ ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି।

ଚଳିତବର୍ଷ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗର ଆକାଡେମିକ୍ ଏକ୍‌ସଲେନ୍‌ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି। ଟାଇମ୍‌ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ର୍‍ୟାଙ୍କିଙ୍ଗ ପ୍ରଦାନ କରିଥାନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି।

ଚଳିତବର୍ଷ ମଧ୍ୟ ଦେଶର ପୂର୍ବାଞ୍ଚଳ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିପାରିଛି। କିଟ୍ ଖୁବ୍ କମ୍ ଦିନର ଏକ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱର ଲବ୍ଧ ପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହ ସମକକ୍ଷ ହୋଇ ଏତେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବହୁ ଶିକ୍ଷାବିତ୍ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ ୨୦୨୬ରେ କିଟ୍‌ର ଏହି ପ୍ରଦର୍ଶନକୁ ପ୍ରଶଂସା କରାଯାଇଛି। ଟାଇମ୍‌ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷତାରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରୁଛି। ଓଡ଼ିଶା ଭଳି ଏକ ଛୋଟିଆ ରାଜ୍ୟରେ କିଟ୍ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ବିଶ୍ୱରେ ତା'ର ପରିଚୟ ପ୍ରତିଫଳିତ ହେବା ସହ ସ୍ୱୀକୃତି ଲାଭ କରିପାରିଛି। କିଟ୍ ଓଡ଼ିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ର୍‍ୟାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି।

କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଡ. ସାମନ୍ତ କହିଛନ୍ତି, ପ୍ରତ୍ୟେକ ରାଜ୍ୟ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ ୫ଶହଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିବାକୁ ଆଶା ରଖିଥାନ୍ତି। କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧କୋହର୍ଟ ମଧ୍ୟରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଏହା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳିତ

# ସୁସ୍ଥ ସମାଜ ଗଠନରେ ବରିଷ୍ଠ ନାଗରିକମାନଙ୍କ ମାର୍ଗଦର୍ଶନ ସହାୟକ ହୋଇଥାଏ

ଭୁବନେଶ୍ୱର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ



ସମାଜ ପ୍ରତି ବରିଷ୍ଠ ନାଗରିକମାନଙ୍କର ଅବାଦନକୁ ସ୍ୱୀକାର କରିବା ପାଇଁ ବରିଷ୍ଠ ନାଗରିକ ଦିବସ ସମର୍ପିତ ହୋଇଥିଲେ ମଧ୍ୟ ଆମକୁ ସବୁଦିନ ପାଇଁ ଏହି ଅବଦାନକୁ ମନେ ରଖିବାକୁ ହେବ। ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ। ସୁସ୍ଥ ସମାଜ ଗଠନ ଏବଂ ଏହାର ବିକାଶରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ବିଶେଷ ସହାୟକ ହୋଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି।

ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଆମେ ବିକଶିତ ଭାରତର ଯେଉଁ ସ୍ୱପ୍ନ ଦେଖୁଛେ ଏବଂ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛେ ତାକୁ ସାକାର କରିବା ଦିଗରେ ବରିଷ୍ଠ ନାଗରିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାର ମଧ୍ୟ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ପ୍ରତି ସଚେତନ ଅଛନ୍ତି ଏବଂ ଏହାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମାଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅନୁଭବ ଓ ଆଶୀର୍ବାଦକୁ ପାଥେୟ କରି ଆମେ ନିଶ୍ଚିତ ସେହି ଲକ୍ଷ୍ୟ ହାସଲ କରିପାରିବା ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ।

ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆମେ ସମସ୍ତେ ସ୍ନେହ, ଶ୍ରଦ୍ଧାରେ ବନ୍ଧା। ତେଣୁ ବୟସ୍କମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇଦେବା ସମାଜର ସବୁବର୍ଗର ଲୋକମାନଙ୍କର ଦାୟିତ୍ୱ। ଆମେ ସମସ୍ତେ ମନେରଖିବା ଉଚିତ ଯେ ବୟସ୍କ ଲୋକମାନେ ବୋଝ ନୁହନ୍ତି। ସେମାନଙ୍କର ଅଭିଜ୍ଞତା, ଅନୁଭବ, ଆଦର୍ଶ ଓ ଆଶୀର୍ବାଦ ନେଇ ଆମେ ଆଗକୁ ବଢ଼ିଲେ ଆମ ଜୀବନ ସୁଖ ଓ ଶାନ୍ତିରେ ଅତିବାହିତ ହେବ ବୋଲି ସେ ପ୍ରକାଶ କରିଥିଲେ।

ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଲ ରାଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବରିଷ୍ଠ ନାଗରିକମାନଙ୍କର ଖୁବ୍ ଛୋଟ ଛୋଟ ସମସ୍ୟା ଥାଏ, ଯାହା ମଧ୍ୟରୁ ଅନେକ ସମାଜର ସହଯୋଗରେ ସମାଧାନ ହୋଇପାରିବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସବୁବେଳେ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି। ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ଛଡ଼ା ମାଗଣା ସ୍ୱାସ୍ଥ୍ୟସେବା ଦେବା ପାଇଁ ବିଭିନ୍ନ ସ୍ଥାନରେ ଉପଚାର କେନ୍ଦ୍ର ସ୍ଥାପନ ହୋଇଛି।

ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ୬୦ ବର୍ଷ ଏକ ଅଙ୍କ ନୁହେଁ। ଏହା ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତାର ସୂଚକ। ବରିଷ୍ଠ ନାଗରିକମାନେ ଏ ସମାଜର ପୂଜ୍ୟ। ବର୍ତ୍ତମାନର ପିଢି ସେମାନଙ୍କୁ ପୁରୁଣାକାଳିଆ, ରକ୍ଷଣଶୀଳ କି ଅନାବଶ୍ୟକ କହି ଆଡ଼େଇ ଯାଇପାରିବେ ନାହିଁ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଅର୍ଥିକ ସଚେତନତା, ଡିଜିଟାଲ୍ ସାକ୍ଷରତା ଓ ସାଇବର ସୁରକ୍ଷା ବାବଦରେ ବିସ୍ତୃତ ଭାବେ ଅବଗତ ଓ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶ୍ୱେତପଦ୍ମା ସଂଗୀତାଳୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ ଓ ସୋନିଆ ବେହେରା, ଅର୍ଥ ପରାମର୍ଶଦାତା ଜୟଶ୍ରୀ ତ୍ରିପାଠୀ, ଉପଶାସନ ସଚିବ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୀତବାସ ପଣ୍ଡା ହତ୍ୟା ମାମଲା : ୨ଯବାନ ସମେତ ୭ ଗିରଫ

ବ୍ରହ୍ମପୁର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ

ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଓକିଲ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୋଲିସକୁ ମିଳିଛି ବଡ଼ ସୁରାକ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ସନ୍ଦେହରେ ୭ ଜଣଙ୍କୁ ବ୍ରହ୍ମପୁର ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ସିଆରପିଏଫ୍ ଯବାନ ଓ ଜଣେ ଅଷ୍ଟମ ବାଟାଲିୟନର ଯବାନ ମଧ୍ୟ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ଆମ୍ବପୁଆରେ ଥିବା ରିଜର୍ଭ ପୋଲିସ ବାରାକରେ ଜେରା କରାଯାଉଥିବାର ସୂଚନା ମିଳିଛି। ତେବେ ଅଟକ ଥିବା ଯୁବକମାନେ ଦିଗପହଣ୍ଡି, ହିଞ୍ଜିଳି ଓ ପିତଳ ଅଞ୍ଚଳର ବୋଲି କୁହାଯାଉଛି। ଦୁଇଟି କାର୍ ମଧ୍ୟ ଜବତ କରିଛି ପୋଲିସ। ତେବେ ଗତ ସୋମବାର ରାତିରେ ପୀତବାସ ପଣ୍ଡା ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଭୂପତି ହୋଟେଲକୁ ଖାଇବା ସାମଗ୍ରୀ ଆଣିବାକୁ ଯାଇଥିଲେ। ଅଟକ ଯୁବକମାନେ ବି ସେହି ସମୟରେ ହୋଟେଲରେ ଥିଲେ ବୋଲି ଜଣାପଡ଼ିଛି। ସୋମବାର ପୀତବାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ରାତି ପ୍ରାୟ ୧୦ଟା ବେଳେ ଗିରି ମାର୍କେଟରେ ଥିବା ତାଙ୍କ ଚାମ୍ବରରୁ ବୈକୁଣ୍ଠନଗରରେ ଥିବା ଘରକୁ ଫେରୁଥିବା ବେଳେ ଘରଠୁ ମାତ୍ର ଶହେ ମିଟର ଦୂରରେ ଗୁଳି କରି ତାଙ୍କୁ ହତ୍ୟା କରାଯାଇଥିଲା। ଦୁଇ ଜଣ ଯୁବକ ବାଇକରେ ଆସି ପଏଣ୍ଟ ବ୍ଲାଙ୍କ୍ ଫାୟାରିଂ କରିଥିଲେ। ପୀତବାସଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଏବେ ୭ ଜଣଙ୍କୁ ଅଟକ ରଖାଯାଇଥିବା ନେଇ ସୂଚନା ମିଳିଥିବା ବେଳେ ପୋଲିସ ଏନେଇ ସ୍ପଷ୍ଟ କରିନାହିଁ।




# ଗ୍ରୀଡ୍‌କୋର ରିନେବୁଲ ଏନର୍ଜି ବ୍ୟାଙ୍କିଂ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, ୧୦।୧୦
ନ୍ୟୁଜ୍‌ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଗ୍ରୀଡ୍‌କୋ ସହ ମେସର୍ସ ରିନ୍ୟୁ ଇ-ଫୁଏଲସ୍ ପ୍ରାଇଭେଟ୍ ଲିମିଟେଡ୍ ୫୦ ମେଗାୱାଟ୍ ପାଇଁ ଏବଂ ମେସର୍ସ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ସହିତ ୬.୨୫ ମେଗାୱାଟ୍‌ର ରିନେବୁଲ ଏନର୍ଜି ବ୍ୟାଙ୍କିଂ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି। ଓଡ଼ିଶାର ଅକ୍ଷୟ ଶକ୍ତି ଅନୁକୂଳ ଓ ଗ୍ରୀନ ହାଇଡ୍ରୋଜେନ୍ (ସବୁଜ ଆମୋନିଆ) ବ୍ୟବହାରକୁ ଆଗକୁ ବଢ଼ାଇବା, ଏକ ସ୍ଥାୟୀ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିବା ନିମନ୍ତେ ଏହି ଚୁକ୍ତିନାମା ପ୍ରୋତ୍ସାହିତ କରିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ବର୍ଦ୍ଧିତ ଶିଳ୍ପ ଚାହିଦା ପୃଷ୍ଠଭୂମିରେ ଦୃଢ଼ ନୀତି, ସୁଦୃଢ଼ ସବୁଜ ଭିତ୍ତିଭୂମି ଏବଂ ରଣନୈତିକ ବନ୍ଦର ଦ୍ୱାରା ସମର୍ଥିତ ଏହି ଚୁକ୍ତିନାମା ଓଡ଼ିଶାର ନେତୃତ୍ୱ ଏବଂ ଶିଳ୍ପ ବିକାଶ ପ୍ରତି କେନ୍ଦ୍ରିତ ପ୍ରତିବଦ୍ଧତାକୁ ସୂଚିତ କରେ। ଏପର୍ଯ୍ୟନ୍ତ ଆମେ ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ସହିତ ୧୪ଟି ସବୁଜ ହାଇଡ୍ରୋଜେନ୍/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରିଛୁ। ଏହି ପ୍ରକଳ୍ପଗୁଡ଼ିକ ୨୨,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ କହିଛନ୍ତି ଯେ, ସୌର ଏବଂ ପବନ ଭଳି ନବୀକରଣୀୟ ଶକ୍ତି ଉତ୍ସରୁ ଉତ୍ପାଦିତ ଶକ୍ତି ପାଣିପାଗ ପରିସ୍ଥିତି ଉପରେ ନିର୍ଭରଶୀଳ ହୋଇଥିବାରୁ ପାୱାରର ବ୍ୟାଙ୍କିଂ ନିହାତି ଜରୁରୀ। ଏହା ଅତିରିକ୍ତ ଉତ୍ପାଦନ ସମୟରେ ଶକ୍ତି ବ୍ୟାଙ୍କିଂ କରିବା ଏବଂ ଲିନ୍ ଅବଧି ସମୟରେ ବ୍ୟାଙ୍କ ହୋଇଥିବା ଶକ୍ତିକୁ ବ୍ୟବହାର / ଟାଣିବାକୁ ଅନୁମତି ଦିଏ।

ଓଡ଼ିଶା ନବୀକରଣୀୟ ଶକ୍ତି ନୀତି, ୨୦୨୨ ଏବଂ ଓଇଆରସି (ସବୁଜ ଶକ୍ତି ଖୋଲା ପ୍ରବେଶ ମାଧ୍ୟମରେ ନବୀକରଣୀୟ ଶକ୍ତିର ପ୍ରୋତ୍ସାହନ) ନିୟମାବଳୀ, ୨୦୨୩ ଅନୁଯାୟୀ ନବୀକରଣୀୟ ଶକ୍ତିର ବିକାଶ ପାଇଁ ଏକ ବ୍ୟାପକ ଏବଂ ଉନ୍ନତ ଚିନ୍ତାଧାରା ଗ୍ରହଣ କରିଛି। ନିୟମାବଳୀର ଉଦ୍ଦେଶ୍ୟ ହେଉଛି ଖୋଲା ପ୍ରବେଶ ମାଧ୍ୟମରେ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା, ଏହାର ବ୍ୟାଙ୍କିଂକୁ ଅନୁମତି ଦେବା ଏବଂ ଗ୍ରୀନ ହାଇଡ୍ରୋଜେନ କିମ୍ବା ସବୁଜ ଆମୋନିଆ କିମ୍ବା ଏହାର ଡେରିଭେଟିଭ୍ସର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ବିଭିନ୍ନ ସୁଯୋଗ ଏବଂ ପ୍ରୋତ୍ସାହନ ପ୍ରଦାନ କରିବା।

## ଏମ୍ସ ଭୁବନେଶ୍ୱରରେ ଟ୍ରାଭେଲ୍ ହେଲ୍‌ଥ କ୍ଲିନିକ୍ ସମ୍ପର୍କିତ ଦ୍ୱିତୀୟ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୦।୧୦:ନ୍ୟୁଜ୍‌ବ୍ୟୁରୋ

ଏମ୍ସ ଭୁବନେଶ୍ୱର ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ସହିତ ମିଳିତ ଭାବରେ ଟ୍ରାଭେଲ୍ ହେଲ୍‌ଥ କ୍ଲିନିକ୍ (ଟିଏଚ୍‌ସି) ସମ୍ପର୍କିତ ଦ୍ୱିତୀୟ ଜାତୀୟ ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଯାପିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀ ଭାରତରେ ଭ୍ରମଣ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାକୁ ମୁଖ୍ୟଧାରାର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସାମିଲ କରିବା ଉପରେ ବିଚାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ମଞ୍ଚ ଭାବରେ କାର୍ଯ୍ୟ କରିଛି। ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧିମାନଙ୍କ ସହିତ ୧୬ଟି ଏମ୍ସ ଏବଂ ରାଜ୍ୟ ମେଡିକାଲ କଲେଜର ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ।